
# ପିଲାଙ୍କ କଥା
# (ଭୁଂଜିଆ)
## ତୃତୀୟ ଭାଗ



# ପିଲାଙ୍କ କଥା (ଭୁଂଜିଆ)

## ତୃତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୁଂଜିଆ ସଂସାଧକ ମଣ୍ଡଳୀ
ଶ୍ରୀ ବୀର ଜଗତ
ଶ୍ରୀ ଟୁନାସିଂ ଛତ୍ରିଆ
ଶ୍ରୀ କୋକିଳ ନାୟକ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ

ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Bhunjia Resource Group**
**Sri Bira Jagat**
**Sri Tunasingh Chhatria**
**Sri Kokila Nayak**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୁଂଜିଆ ଭାଷାର ତୃତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ବାହାରି ଚୋ ଜନମ୍ ଗୋଏଟ୍ (ଝାଡୁ ଜନ୍ମ କଥା)

ତହିଆଏ ଯୁଗେଁ ଦେଓମାନେ ମାନୁଷ୍ ଇଷାନ୍ ଏତ୍ ରହେଲା । ପୂଜା ଖାଉନ୍ ଛେଦେଏଲେ ଫିରୁନ୍ ଯାତ୍ ରହେଲା । ଏକଦିନ ଚଇତ୍ ତିହାର୍ ହେଲୋ । ଦେଓମାନ୍‌ଚୋ ରାଜା ପାଟ୍‌ଦେଓ  ନିଶାନିମୁଣ୍ଡାଚ୍ ସେଙ୍ଗ୍ ଏଲା । ହୁମାନ୍‌ଚୋ ସେଙ୍ଗ୍ ଆଉ ଦୁସରା ଦେଓମାନ୍ ପୂଜା ଖାଉଁ କେ ଏହୁଁ ରହେଲା । ହୁମାନ୍ ଗାଓ୍ୱଁ ଭିତ୍‌ରେଁ କିନ୍ଦଏର୍‌ଲା । ହୁମାନ୍ ଦେଖ୍‌ଲା ଗାଓ୍ୱଁ ଚୋ ସବ୍ ବାହୁଁକେ ଜୁଠା, ଅଇଁଠା ଖାଲି ପତ୍ରି ପଡୁନ୍ ବସ୍ତି କଚ୍‌ରା ହେହୁନ୍ ଯାହୁଁ ରହେଲୋ । ହୁମାନ୍ ଛି ଛି ବଏଲ୍‌ଲା ଆଉ ପଲୁନ୍ ଗଲା ।



ପୁରୁଣା କାଳରେ ଦେବତାମାନେ ମଣିଷ ପରି ଆସୁଥିଲେ । ବଳି ଖାଇ ସାରିବା ପରେ ଫେରି ଯାଉଥିଲେ। । ଥରେ ଚଇତି ପରବ ହେଲା । ଦେବତାମାନଙ୍କ ରାଜା ପାଟଦେବତା ନିଶାଣୀ ମୁଣ୍ଡାଙ୍କ ସହିତ ଆସିଲେ । ତାଙ୍କ ସହିତ ଅନ୍ୟ ଦେବତା ବଳି ଖାଇବାକୁ ଆସିଲେ । ସେମାନେ ଗାଁ ଭିତରେ ବୁଲିଲେ । ସେମାନେ ଦେଖିଲେ ଚାରିଆଡ଼େ ମଇଳା ଓ ଅଇଁଠା ପଡ଼ିଥିଲା । ସେମାନେ ଛି ଛି କହି ଚାଲିଗଲେ । ଗାଁ ବାହାରେ ଥିବା ଗଛ ମୂଳେ ବସିଲେ । ଗାଁର ମୁଖିଆ ଓ ପୂଝାରୀ ହାତ ଯୋଡ଼ି ସେଠାରେ ପହଞ୍ଚିଲେ ।

ଗାଓଁ ବାହିର୍ ଟୋ ରୁଖ୍ ପେଁ ଢ଼େ ବଏସ୍ଲା ଗାଓଁ ଟୋ ମୁଖିଆ ଆଉ ପୂଝାରୀ ଛତ୍ରିଆ ଦେଓମାନ୍ ନେଙ୍ଗ୍ ପହଁଇଚ୍ଲା ଆଉ ଜୁହାର୍ କରୁନ୍ ଗୋଠିୟାଇଲା । ହେ ଦେଓ୍ୱ ଗନ୍ ମାନ୍ ତୁମ ହାନ୍ ମାନ୍ ପୃଜା ନା ଖାଉନ୍ ପଲୁନ୍ ଏଲାସ୍ କାଏଁ କାଯେଁ ? ଆମ୍ହି ତୁହାନ୍କେ ଅମନିଆ ନାହିଁ କରିଁ । ପାଟ୍ ଗୁରୁ ବଏଲ୍ଲା ଆମୟି ସବ୍ଲେ ବଡ଼୍କା । ଆମ୍ହିଇସ୍ କଚ୍ରା ଗଦାଏଁ ବସ୍ଓ୍ୱାଁ କାଏଁ ? ଏଦାଏଁ ଆମ୍କେ ଗାଓଁ ବାହିରେ ପୂଜା ଦେତାଏସ୍ । ଆମ୍ହିଁ କଚ୍ରା ଗଦାଏଁ ପୂଜାନା ଖାଉଁ । ମୁଖିଆ ବଏଲ୍ଲା ଦେଖ୍ ଦେଓ୍ୱ ଆମ୍ ଘଲାଏକ୍ କଚ୍ରା କେ ବନ୍କ୍ ନ ବଲୁଁ ।



ପଚାରିଲେ, "ହେ ଦେବତା, ଆପଣମାନେ ବଳି ନ ଖାଇ ଚାଲି ଆସିଲେ କାହିଁକି ? ଆମେ ଆପଣଙ୍କୁ ଅବମାନନା କରିନାହୁଁ ?" ପାଟ ଦେବତା କହିଲେ, "ଆମେ ବହୁତ ବଡ଼ । ଆମେ କ'ଣ ଅପରିଷ୍କାର ଜାଗାରେ ବସିବୁ ? ଏବେ ବଳି ଦେଲେ ଗାଁ ବାହାରେ ଦେବ । ଆମେ ଅଳିଆ ଜାଗାରେ ଖାଇ ପାରିବୁନି ।" ମୁଖିଆ କହିଲେ, "ହେ ପ୍ରଭୁ, ଆମେ ଅଳିଆକୁ ଘୃଣା କରୁଛୁ ।

ଘୁର୍‌ନା କରୁଦେଁ ହେଲେ ହୁନାକେ କିସ୍ କରୁନ୍ ସାଫ୍ ସୁତ୍‌ରା କର୍‌ତେ ଆମହିଁ ଜାନୁ ନାହିଁ । ଦୟା ହେଲେ ହୁନେଚୋ ଉପାୟ ଗୋଠି ଆଉନ୍ ଦାହାଁ । ପାଟ୍‌ଗୁରୁ ଆପ୍‌ଲୁ ବହିନିସ୍ ନେଙ୍ଗ ଛତ୍‌ରିଆ, କଟରିଆ ପୂଝାରୀ ଆଉ ଝାଖଁର୍‌କେ ପଠାଉନ୍ ଦେଲା । ଇମ୍‌ହାନ୍ ବହିନିସ୍ ନେଘେ ଯାହୁଁନ୍ ସବ୍ ଗୋଏଠ୍ କେ ଗୋଠିୟାଉନ୍ ଦେଲା । ଦେଓ୍ୱ ସୁନ୍‌ଲି ଆଉ ମୁଡ୍‌କେ ଦେଲି ହଲାଉନ୍ । ମୁଡ୍‌ଲେ ଗୋଟକ୍ ବାଲ୍ ଝଡୁନ୍ ଭୂ ଏଁ ପଏଡ୍ ଲୋ । ହୁଁନା ଗୋଟକ୍ ବନ୍ ବଏନ୍‌ଲୋ । ହୁନ୍ ବନ୍‌କେ ଏକ୍ ମୁଠା ଲୁଉନ୍ ପେଁଡି ବାଏନ୍ଧ୍‌ଲା ଆଉ ଭୁଇଁକେ ବାହାଏର୍‌ଲା ତାହାଁଲେ କଚ୍‌ରା ସାଫ୍ ହେଲୋ । ତାଁ ହାଁଲେ ହୁନାକେ କାଁଟା ବାହାରି ବଏଲ୍‌ଲା ।



ହେଲେ ତାକୁ କେମିତି ପରିଷ୍କାର କରିବୁ ଜାଣିନୁ । ଦୟାକରି ତା ବାଟ ବତାଇ ଦିଅନ୍ତୁ ।"ପାଟ ଦେବତା ତା ଭଉଣୀ ଠାକୁରାଣୀଙ୍କ ପାଖକୁ ପଠାଇଲେ । ମୁଖିଆ ତାଙ୍କ ପାଖକୁ ଯାଇ ସବୁକଥା କହିଲା । ଠାକୁରାଣୀ ମୁଣ୍ଡ ହଲାଇ ଦେଲେ । ମୁଣ୍ଡରୁ ଗୋଟାଏ ଚୁଳ ଖସି ପଡ଼ିଲା । ସେ ତାକୁ ପଡ଼ିଆରେ ଲଗାଇଲେ । ଏହା ଗୋଟିଏ ଘାସ ହୋଇଗଲା, ସେ ତାକୁ ନେଇ ଏକାଠି ବିଡ଼ା କରି ବାନ୍ଧିଲେ । ଏହା ପହଁରା ହେଲା । ଏଥିଯୋଗୁଁ ଲୋକମାନେ ଗାଁ ଓ ଘର ସଫାକଲେ ।

# ଗଦ୍‌ବା ଜନମ୍ ଗୋଏଠ୍ (ଗଦବା ଜନ୍ମ କଥା)

ଗୋଦାବରୀ ନଏନ୍ଦ୍ ଖେଁଡ଼େ ବାରାଝାନ୍ ଗଦ୍‌ବା ଭାଇ ଜନମ୍ ହେଉଁ ରହେଲା । ହୁଁମାନେ ବଡ଼କା ବାହୁନ୍ ଜୟପୁର ଏଲା । ହୁଁମାନେ ଶୋଏଁଚ୍‌ଲା ଯାହାଁ ବି ବିହ୍‌ହା ହେଓ୍ବାଁ ହୁଁଥା ରହ୍‌ତା । ହୁଁମାନେ ଏତ୍ ଏତ୍ ଇସ୍କିନ୍ଦା ବୁର୍‌ରାଏଁ ପହଁଏଚ୍‌ଲା । ହୁଁନ୍ ବୁର୍‌ରାଏଁ ଗୋଟକ୍ ହଁସୁର୍ ରହତ୍ ରହେଲି । ହୁଁନିଚୋ ମାଇଁପିଲା ଲୋଗ୍ ନାହିଁ ରହି । ହୁଁନି ଚୋ ବଡ଼େ ବଡ଼େ କାନ୍, ଲାମ୍ ଦାଁତ୍, ଲାମ୍ ନଖ୍ ଆଉ ଖୁବୟ ବଡ଼େ ନାଏଁସ୍ ରହେଲୋ । ମୁଡ୍ ଚୋ ବାଲ୍‌ମାନେ ଖାଲ୍‌କେ ଲାମ୍ବୁ ରହେଲୋ । ହଁସୁର୍ ଖାଲେ ଶୋଉଁ ରହିଲି । ହୁଁନିଚୋ ଜିଭ୍ ବଡ଼େ ରହେଲୋ । ହୁଁ ନେ ବାଲ୍ ଆଁକ୍‌ରୁନ୍ ରହେଲୋ ।



ଗୋଦାବରୀ ନଦୀ କୂଳରେ ବାର ଜଣ ଗଦବା ଭାଇ ଜନ୍ମ ହୋଇଥିଲେ । ସେମାନେ ବଡ଼ ହେବା ପରେ ଜୟପୁର ଆସିଲେ । ସେମାନେ ଭାବିଲେ ଯେଉଁଠି ବାହା ହେବେ ସେଇଠି ରହିବେ । ସେମାନେ ବାଟରେ ଆସୁ ଆସୁ ଇସ୍କିନ୍ଦା ବଣରେ ପହଞ୍ଚିଲେ । ସେ ବଣରେ ଗୋଟିଏ ଅସୁରୁଣୀ ବାସ କରୁଥିଲା । ତା'ର ପରିବାର ଲୋକ ନ ଥିଲେ । ତା'ର ବଡ଼ ବଡ଼ କାନ, ଲମ୍ବା ଦାନ୍ତ, ଲମ୍ବା ନଖ ଓ ଖୁବ୍ ବଡ଼ ନାକ ଥିଲା । ମୁଣ୍ଡର ବାଳ ଗୁଡିକ ତଳକୁ ଲମ୍ବି ଥିଲା ।

ହୁଁନିକେ ଦେଖୁନ୍ ଭାଇସ୍‌ମାନେ ଗୋଠିୟାଏଲା, "ହୁନ୍ ହଁସୁର୍ ହେଲେ ବି ଘଲାଏ ଗୋଟକ୍ ଲେକ୍‌ପିଲି ହୁଁ । ଆମ୍ ଚୋ ଭିତ୍‌ର୍‌ଲେ ଜନାଏକ୍ ହୁଁନିକେ ବିହା କରୁ, ବଡ୍‌କା ଭାଇସ୍ ସଭଏକ୍ ପଚାଏର୍‌ଲୋ । ସଭଏ ବଏଲଲା ଆମ୍‌ହି ହୁଁନିକେ ଡର୍‌ତାହୁଁ । ହୁଁନ୍ ଆମ୍‌କେ ଖାଉଁନ ଦେତି । ପାଛେଁ ବଡ଼୍‌କା ଭାଇସ୍ ଗୋଠିୟାଏଲ ।" ଠିକ୍ ଆହେ ମୁଇଁ ହୁନିକେ ବିହା ହେଁତି । ତୁହାଁନେ ହୁଁନିକେ ଧରୁକେ ସାହା ହେତାଏସ୍ । ଭାଇସ୍ ମାନେ ହଁସୁର୍‌କେ ଧଏର୍‌ଲା । ହୁଁନିଚୋ କାନ୍‌ନେ  କାନା କର୍‌ଏଲା । ରୁଖ୍ ଚୋ ଛାଲି ଛୋ ଡୋରିଏଁ ବାଏନ୍ଧ୍‌ଲା ।



ଅସୁରୁଣୀ ତଳେ ଶୋଇଥିଲା । ତା ଜିଭଟି ବଡ଼ ଥିଲା ସେଥିରେ ବାଳ ଉଠିଥିଲା ।  ତାକୁ ଦେଖି ଭାଇମାନେ କହିଲେ, "ସେ ଅସୁନ୍ଦରୀ ହେଲେ ବି ଜଣେ ସ୍ତ୍ରୀ ଲୋକ । ଆମ ଭିତରୁ ଜଣେ ତାକୁ ବିବାହ କରୁ ।" ବଡ଼ ଭାଇ ସମସ୍ତଙ୍କୁ ପଚାରିଲା, ସଭିଏ କହିଲେ, "ଆମେ ତାକୁ ଡରୁଛୁ । ସେ ଆମକୁ ଖାଇଦେବ"। ଶେଷରେ ବଡ଼ଭାଇ କହିଲା, "ଠିକ୍ ଅଛି, ମୁଁ ତାକୁ ବିବାହ କରିବି । ତୁମେ ତାକୁ ଧରିବାକୁ ସାହାଯ୍ୟ କରିବ ।"

**ହୁଁନି ଚୋ କନିୟାଁ ଭେର୍ ରୁଖ୍ ବାଏନ୍ଧ୍‌ଲା । ହଁ ସୁରଚୋ ବାଲ୍‌କେ କଷୁନ୍ ବାଏନ୍ଧ୍‌ଲା । ହୁଁନେଏ ଘଡ଼ିକ ହଁସୁର ଶୋଓ୍ୱତ୍ ରହେଲି । ଭାଇସ୍‌ମାନେ ଗୋଟକ୍ ଡୋରି ହୁନିଚୋ ଆଁଖି ବାଟେ ଘିଚ୍‌ଲା । ହୁଁନ୍ ନିନ୍ଦ୍‌ଲେ ଉଠ୍‌ଲି । ଭାଇସ୍‌ମାନକେ ଦେଖୁନ୍ ଖୁସ୍ ହେଉନ୍ ଗୋଠିୟାଲି । ଏତ୍‌କ୍ ଦିନ୍ ଚୋ ବାଦେଁ ମୁଇଁ ଖାଉଁକେ ଲାହୁଁନାହେଁ । ତୁହାଁନ୍‌କେ ଖାତିଂ । ୟୋ ଗୋଏଠ୍ କେ ଶୁନୁନ୍ ଭାଇସ୍‌ମାନେ ହୁଁନିକେ ଜୋର୍‌ଦାର୍ ଧର୍‌ଏଲା । ହଁସୁରକେ ଦୁଖ୍ ହେଲୋ । ହୁଁନ୍ ଗୋଠିୟାଇଲି ମୋକେ ଛାଡ୍ଡୁଁନ୍ ଦାହାଁ । ମୁଇଁ ତୁହାନ୍‌କେ ଖାଏଁ ନାହିଁ ।**



ଭାଇମାନେ ଅସୁରୁଣୀକୁ ଧରିଲେ । ତା କାନରେ କଣା କଲେ । ଗଛ ଛେଲିରେ ଦଉଡ଼ିରେ ବାନ୍ଧିଲେ । ତା ଅଣ୍ଟା ଚାରିପଟେ କାଠ ବାନ୍ଧିଲେ ତା ବାଳକୁ ଭିଡ଼ି ବାନ୍ଧିଲେ । ଏ ସମୟରେ ଅସୁରୁଣୀ ଶୋଇଥିଲା । ଭାଇମାନେ ଗୋଟିଏ ଦଉଡ଼ି ତା ଆଖି ବାଟ ଦେଇ ଟାଣିଲେ । ସେ ନିଦରୁ ଉଠିଲା । ଭାଇମାନଙ୍କୁ ଦେଖି ଖୁସି ହୋଇ କହିଲା, "ଏତେ ଦିନ ପରେ ମୁଁ ଖାଇବାକୁ ପାଇଛି । ତୁମମାନଙ୍କୁ ଖାଇବି ।" ଏକଥା ଶୁଣି ଭାଇମାନେ ତାକୁ ଜୋରରେ ଭିଡ଼ିଲେ ।

ଭାଇସ୍‌ମାନେ ହୁଁନିକେ ଛାଡ଼ି ନାହିଁ । ହୁଁମାନେ ହୁଁନିକେ ହୁଁସେଏ ଥେଉଲା । କଏଦିନ୍ ହୁଁନିକେ ଖାଉଁକେ ଦେଇ ନାହିଁ । ଖାଉଁକେ ନା ଲାହୁନ୍ ହୁଁନ୍ ଶୋଗ୍ ଶୋଗ୍ ନା ହେଉନ୍ ଗଲି । ଭାଇସ୍‌ମାନେ ହୁଁନିଚୋ କାନ୍‌କେ କାଟୁନ୍ ଦେଲା । ହୁଁନିଚୋ ଜିଭ୍‌ଲେ ବାଲ୍‌କେ କାଟୁଁନ୍ ଦେଲା । ବଡ୍‌କା ଦାଁତ୍‌କେ ଟୋଡୁଁନ୍ ଦେଲା । ହଁସୁର୍ କର୍‌ଲାଇଏଁ ଗୋଠିୟାଏଲି ମୋକେ ଛାଡୁନ୍ ଦାହାଁ । ମୁଇଁ କୋଁଓ୍ୱେଁ ନା ଜାଏଁ । ଭାଇସ୍‌ମାନେ ଏଦାଏଁ ଘଲାଏ ରାଜି ନାହିଁ ହଁଇଁ । ବଡ୍‌କା ଭାଇସ୍ ହୁନିକେ ବିହା ହେଲୋ ।



ଅସୁରୁଣୀକୁ କଷ୍ଟ ହେଲା, ସେ କହିଲା, "ମୋତେ ଛାଡ଼ିଦିଅ । ମୁଁ ତୁମକୁ ଖାଇବିନି ।" ଭାଇମାନେ ତାକୁ ଛାଡ଼ିଲେନି । ସେମାନେ ତାକୁ ସେମିତି ରଖିଲେ । କେତେଦିନ ତାକୁ ଖାଇବାକୁ ଦେଲେନି । ଖାଇବାକୁ ନ ପାଇ ସେ ଦୁର୍ବଳ ହୋଇଗଲା । ଭାଇମାନେ ତା କାନ କାଟିଦେଲେ । ବଡ଼ ଦାନ୍ତ ଭାଙ୍ଗିଦେଲେ । ଅସୁରୁଣୀ ବିକଳରେ କହିଲା, "ମୋତେ ଛାଡ଼ିଦିଅ । ମୁଁ କୁଆଡ଼େ ଯିବିନି ।"

ହଁସୁର ଚୋ ଗୋଟକ୍ ବେଟାଏସ୍ ଆଉ ଗୋଟକ୍ ବେଟିସ୍ ହେଲୋ । ଏଦାଏଁ ହୁଁନ୍ କଁୱେ ବାଟେଁ ନାଯାତି ବୋଲୁନ୍ ଭାଏବ୍ଲା । ହୁଁନ୍ ରୁଖ୍ଚୋ ଛାଲିଏଁ ବଡ୍କା ବଡ୍କା ଗୋଲ୍ ବନାଏଲୋ । ହୁଁନାକେ ହୁଁନିଚୋ କାନେ ଦେଲା । ହୁଁନିଚୋ ବାଲ୍କେ ଶୁଖ୍ଲୋ ବନ ପଏରାଏଁ ବାଁଏନ୍ଧଲା । ହୁନିଚୋ ପାଏଠ୍ବାଟେ ଗୋଟକ ରୁଖ୍ ଖଁଏଞ୍ଜଲା । ହଁସୁର୍ ଚୋ ବେଟା ବେଟି ଗଦ୍ବା ଜାତେ୍ ବଏନ୍ଲା । ବଡ୍କା ଭାଇସ୍ ଆଉ ଏଲ୍ ଘାୱୁଁ ବିହା ହେଲୋ । ଛୋଟ୍ କି ଚୋ ବେଟା ବେଟି ପାରେଙ୍ଗା ଜାଏତ୍ ହେଲା ।



ଭାଇମାନେ ଏଥର ରାଜି ହେଲେନି । ବଡ଼ଭାଇ ତାକୁ ବିଭା ହେଲା । ଅସୁରୁଣୀର ଗୋଟିଏ ପୁଅ ଓ ଗୋଟିଏ ଝିଅ ହେଲା । ଏଥର ସେ କୁଆଡ଼େ ଯିବନି ବୋଲି ଭାଇମାନେ ଭାବିଲେ । ସେ ଗଛ ଛେଲିରେ ବଡ଼ ବଡ଼ ଗୋଲ ତିଆରି କଲେ । ତାକୁ ତା କାନରେ ଦେଲେ । ତା ବାଳକୁ ଶୁଖିଲା ଘାସର ନଡ଼ାରେ ବାନ୍ଧିଲେ । ତା ପଛରେ ଗୋଟିଏ କାଠ ଖଞ୍ଜିଲେ । ଅସୁରୁଣୀର ପିଲାମାନେ ଗଦବା ହେଲେ । ବଡ଼ଭାଇ ପୁଣି ଥରେ ବିବାହ କଲା । ସାନ ସ୍ତ୍ରୀର ପିଲାମାନେ ପାରେଙ୍ଗା ହେଲେ ।

ପିଲାଙ୍କ କଥା

# ଭତରା ଜନମ୍ ଗୋଏଠ୍ (ଭତରା ଜନ୍ମ କଥା)

ବଡ଼ାଏ ଦିନ୍ ଚୋ ଗୋଏଠ୍ । ନରସିଂହ ନାଓ୍ୱଁ ଚୋ ଗୋଟକ ଗୋଁଡ ରହେଲୋ । ହୁଁନାଚୋ ଗୋଟକ୍ ବେଟିସ୍ ରହିଲି । ହୁଁନ୍ ବିହା କରୁନ୍ ନାହିଁ ରହିଁ । କଏଦିନ ଚୋ ପାଛେ ହୁଁନାଚୋ ବେଟାଏସ୍ ହେତୋ ଗୋଏଠ୍ ସଭଏ ଜାଏନ୍‌ଲା । ଲୋଗ୍‌ମାନେ ହାଁସିଖିଆଏଲ କର୍‌ଲା । ୟୋଁକେ ହୁଁକେ କହେଲା । ବେଟିସ୍ ବିହିନାଏଁ କାନ୍ଦା ଖନୁକେ ବୁର୍‌ରାକେ ଗଲି । ସାଞ୍ଜ୍ କେ ଘର୍‌କେ ଫିଁର୍‌ଲି ।ଦିନାଏକ୍ ନନୀ କାନ୍ଦା ଖନୁକେ ଗଲି । ହୁଁନ୍ ନେଘେଂ ବାବୁ ଗୋଟକ୍ ଜନମ୍ ହେଲୋ । ହୁଁନ୍ ବାବୁ ପିଲାକେ ହୁନେଏଁ ନେଘେଂ ପକାଉନ୍ ଦେହୁନ୍ ଘର୍‌କେ ଫିଁରୁନ୍ ଏଲି ।



ଅନେକ ଦିନ ତଳର କଥା । ନରସିଂହ ନାମରେ ଗୋଟିଏ ଗଣ୍ଡ ଥିଲା । ତା'ର ଗୋଟିଏ ଝିଅ ଥିଲା । ସେ ବିବାହ କରି ନ ଥିଲା । କିଛିଦିନ ପରେ ତା'ର ପିଲା ହେବା କଥା ସଭିଏଁ ଜାଣିଲେ । ଲୋକମାନେ ଥଟ୍ଟା କଲେ । ଏଣୁ ତେଣୁ କହିଲେ । ଝିଅଟି ସକାଳୁ ମୂଳ ଖୋଳିବାକୁ ବଣକୁ ଯାଉଥିଲା । ସଞ୍ଜ ବେଳକୁ ଘରକୁ ଫେରୁଥିଲା । ଦିନେ ଝିଅଟି ମୂଳ ଖୋଳିବାକୁ ଯାଇଛି । ସେଠାରେ ପୁଅଟିଏ ଜନ୍ମ ହେଲା ।

ଯମ୍‌ରାଜା ହୁନେଏଁ ବାଟ୍ ଦେହୁଁନ୍ ଜାତ୍ ରହେଲୋ । ବାବୁ ପିଲାକେ କାନ୍ଦା ଖାଁଚେ ପଡୁନ୍ ରହେଲୋ ହାରାକେ ଦେଖିଲ । ଯମ୍‌ରାଜା ବାବୁ ପିଲାକେ ନେହୁନ୍ ମହାପରୁକେ ଦେହୁନ୍ ସଭଏ ଗୋଏଠ୍ ଗୋଠିୟାଏଲୋ । ମହାପରୁ ଟୋ ଗୋଏଠ୍ ହିସାବେ ଯମ୍‌ରାଜା ବାବୁ ପିଲାକେ ନେହୁନ୍ ନରସିଂହ କେ ଦେଲୋ । ବାବୁପିଲା ବଡ୍‌କା ହେଲେ ହୁନାଟୋ ଜାଏତ୍ ଭତ୍‌ରା ହେତୋ ବଲୁନ୍ ଗୋଠିୟାଏଲା ହୁଁନେଏ ଦିନ୍‌ଲେ ଭତରା ହେଲୋ ।



ସେ ପିଲାଟିକୁ ସେଠାରେ ପକାଇ ଦେଇ ଘରକୁ ଫେରି ଆସିଲା । ଯମ ଦେବତା ସେହି ବାଟ ଦେଇ ଯାଉଥିଲେ । ପିଲାଟିକୁ ମୂଳ ଖୋଳା ଗାତରେ ପଡ଼ିଥିବାର ଦେଖିଲେ । ସେ ପିଲାଟିକୁ ନେଇ ମହାପ୍ରଭୁଙ୍କୁ ଦେଇ ସବୁକଥା କହିଲେ । ମହାପ୍ରଭୁଙ୍କ କଥା ଅନୁସାରେ ଯମଦେବତା ପିଲାଟିକୁ ନେଇ ନରସିଂହକୁ ଦେଲେ । ପିଲାଟି ବଡ଼ ହେଲେ ତା ଜାତି ଭତରା ହେବ ବୋଲି କହିଲେ । ସେହି ଦିନଠୁ ଭତରା ଜାତି ସୃଷ୍ଟି ହେଲା ।

# କୋନ୍ଧବୁଢ଼ା ଓ ବାଘ୍ (କନ୍ଧବୁଢ଼ା ଓ ବାଘ)

ଗୋଟୋକ୍ ଗାଓ୍ୱେଁ ବୁଢ଼ା ଆଉ ବୁଢ଼ି ରହତ୍ ରହେଲା । ହୁମାନେ କୋନ୍ଧ ମାନହୁନ୍ । କୋନ୍ଧ୍ ବୁଢ଼ା ଠାଓ୍ୱଁଏ ବୁର୍ରାଲେ ଦାରୁ ଆନୟ । ଠାଓ୍ୱଁଏ ଠାଓ୍ୱଁଏ ଗାଓ୍ୱେଁ ହୁନାକେ ବେଚୁନ୍ ଭାଞ୍ଜୁନ୍ ଯାହା ମିଳଏ, ହୁନେ ବୁଢ଼ାବୁଢ଼ି ବଡ଼ା ଦୁଃଖେଁ ଚଳତ ରହେଲା । ଦିନ୍ କେ ଦିନ୍ ବୁଢ଼ା ଦୁର୍ବଳ ହେତ୍ ଗୋଲୋ । ଯତନ୍ କରୁକେ ହୁଁନାଟୋ କୋନୟ ନାହିଁ ରହିଁ । ବୁର୍ରା ଲେ ଦାରୁ ଆନୁନ୍ ନେ ବେଁଚଲେ ଦୁଇଝାନ୍ ଉପାସେଁ ରହଇତ୍ । ଇସଏ ଦୁଇଦିନ୍ ଉପାସେଁ ରହେଲା ତାଁହାଲେ କୋନ୍ଧ୍ବୁଢ଼ା ଧର୍ ସକଲ ଦାରୁ ଆନୁକେ ବୁର୍ରା କେଁ ଗୋଲୋ । ହୁଁନ ଦାରୁ କାଟ୍ତୋ ଘଡ଼ି ଠାଓ୍ୱଁଏ ଗୋଟୋକ ବାଘ୍ ଟୋ ଗାଗ୍ତୋ ହାର୍ କେ ଶୁନୁନ୍ ବୁଢ଼ା ଡରୁନ୍ ଗୋଲୋ । ହୁଁଥାଲେ ବୁଢ଼ା ସାହାସ୍ ବାଁନ୍ଧୁନ୍ କୋନ୍ ନେଇଂ ବାଘ୍ ଆହେ ବଲୁନ୍ ସବ୍ ବାହୁଁକେ ଦେଖ୍ଲୋ । ହୁଁଥଏ ବାଘ୍ ଢୁଳତ ରହଏ ତାହ୍କେ ବୁଢ଼ା ଦେଖ୍ଲୋ ।



ଗୋଟିଏ ଗାଁରେ ବୁଢ଼ାଟିଏ ଓ ବୁଢ଼ୀଟିଏ ରହୁଥିଲେ । କନ୍ଧବୁଢ଼ା ପାଖ ଜଙ୍ଗଲରୁ କାଠ ଆଣେ । ଆଖ ପାଖ ଗ୍ରାମରେ ବିକ୍ରୟ କରି ଯାହା ପାଏ ସେଥିରେ ବୁଢ଼ାବୁଢ଼ୀ ଦୁଃଖ କଷ୍ଟରେ ଚଳୁଥିଲେ । ଦିନକୁ ଦିନ ବୁଢ଼ା ଦୁର୍ବଳ ହେବାରେ ଲାଗିଲା । ଯତ୍ନ ନେବାକୁ ତା'ର ପୁଅ ଝିଅ କେହି ନଥିଲେ । ଜଙ୍ଗଲରୁ କାଠ ଆଣି ବିକ୍ରି ନ କଲେ ଦୁହେଁ ଉପାସରେ ରହୁଥିଲେ । ଏମିତି ଦୁଇଦିନ ଉପବାସରେ ରହିବା ପରେ କନ୍ଧ ବୁଢ଼ା ବହୁତ କଷ୍ଟରେ କାଠ ପାଇଁ ବଣକୁ ଗଲା । ସେ କାଠ ହାଣୁଥିବା ସମୟରେ ନିକଟରେ ବାଘର ଗର୍ଜନ ଶୁଣି ବୁଢ଼ା ଡରିଗଲା । ବାଘ କେଉଁଠି ଅଛି ବୋଲି ସାହାସ ବାନ୍ଧି ଚାରିଆଡ଼କୁ ଅନାଇଲା ।

ହୁଁନ୍ ଘଡ଼ି ବାଘ୍ ବୁଢ଼ାଟୋ ଗଏନ୍ଦ ବାରୁନ୍ ହୁନାକେ ବଏଲ୍‌ଲୋ - ତୁଇଁ ଯୋନ୍ ହେଓ ନାଁହାକାଏଁ, ମୁଇଁ ତୁ ଟୋ କାହିଁ ଖଏତି ନ କରଁଏ । ମୋକେ ଗୋଟୋକ ବଡ୍‌କା ଉପକାର କଏର୍‌ଲେ ମୁଇଁ ଘଲାଏ ତୁମ୍‌କେ ଲାଗା ଛୁଟତି । ବାଘ୍ ଭାରି ଦୁଃଖେଁ ଗୋଠୟାୟଲୋ ତିନ୍ ଦିନ୍ ହେଲୋ । ମାଚ୍ ଆଁଖି ନିହାଏ ଦିଖତ୍ । ହୁନେ କାଯେ, ଚାଲ୍‌ବୁଲ୍ କରୁକ୍ ନିହାୟ ସକତ୍ । ମାଟେ଼ ଭାରି ଦୁଃଖ୍ । ଭାଇ ମାଚ୍ ଆଁଖି ଦେଖ୍‌ତୋ କାଯେଁ କାହିଁ ଚେରିମୂଳି ଓଷାହା ଆନୁନ୍ ଦାହାଁ । ମାଚ୍ ବଡ୍‌କା ଉପକାର ହେତୋ । ବାଘ ଟୋ ଗୋଏଠ୍ କେ ଶୁନୁନ୍ କୋନ୍ଧ୍ ବୁଢ଼ା ନିଜେ ଜାଏନ୍ ଲୋ ଚେରିମୂଳି ଓଷାହା ବନବୁର୍‌ରିଲେ ଖୋଜୁନ୍ ଆନୁନ୍ ବାଘ୍‌କେ ଖାଁଉକେ ଦେଲୋ । ଇସୟ ଦୁଇଦିନ ଓଷାହା ଦେତାକେ ପାଛେଁ ବାଘ୍‌ଟୋ ଦେଖ୍‌ତୋ ଶକ୍ତି ଫେର୍ ଲାହେଲୋ ।



ବେଳକୁ ତା' ପାଖରେ ବାଘଟି ଅଣ୍ଡାଳି ହେଉଥିବା ବୁଢ଼ା ଦେଖି ପାରିଲା । ଏହି ସମୟରେ ବାଘ ବୁଢ଼ାର ଗଂଧ ବାରି ତାକୁ କହିଲା, " ତୁମେ ଯିଏ ହୁଅନା କାହିଁକି ମୁଁ ତୁମର କିଛି କ୍ଷତି କରିବି ନାହିଁ । ମୋର ଗୋଟିଏ ବଡ଼ ଉପକାର କରିଦେଲେ ମୁଁ ତୁମର ଋଣ ଶୁଝି ଦେବି" । ବାଘଟି ଅତି ଦୁଃଖରେ କହିଲା, ତିନିଦିନ ହେଲା ମୋ ଆଖିକୁ କିଛି ଦେଖା ଯାଉନାହିଁ, ଏଣୁ ମୁଁ ଚଲାବୁଲା କରିପାରୁନି । ମୋର ଭାରି ଅସୁବିଧା ହେଉଛି । ଭାଇ, ମୋ ଆଖି ଦିଶିବା ପାଇଁ କିଛି ଚେରମୂଳି ଔଷଧ ଆଣି ଦିଅ । ମୋର ବହୁତ ଉପକାର ହେବ । ବାଘର ଏକଥା ଶୁଣି କନ୍ଧବୁଢ଼ା ନିଜେ ଜାଣିଥିବା ଚେରମୂଳି ଔଷଧ ଜଂଗଲରୁ ଖୋଜିଆଣି ଆଣି ବାଘକୁ ଖାଇବାକୁ ଦେଲା ।

**ବାଘ୍ ଦେଖ୍‌ଖୁକ୍ ସକ୍‌ତାକେ ହୁନାଚୋ ଖୁସ୍‌କାଁଏ ଗୋଠୟାତାଏସ ! ବାଘ୍ ବୁଢ଼ାକେ ଖୁସି ଜନାଏଲୋ ଆଉ ବଏଲ୍‌ଲୋ ମାଚୋ ଉପକାର ତୁଇଁ ଯାହା କର୍‌ନାହେସ୍ ମୁଇଁ ତୁକେ ହୁଁସଏ କରୁକ୍ ନସକଁଏ । ଆଏଜ୍‌ଲେ ତୁଇଁ ମାଚୋ ବନ୍ଧୁ ହୁଁନ୍ । ଏଦାଏଁ ତୁମ୍‌କେ ବୁର୍‌ରାଲେ ଦାରୁ ବେଚୁକ୍ ପଡ଼ଏ ନାହିଁ । ୟୋ ବୁଢ଼ା ହେତୋ ଘଡ଼ି ଏତକ ବୁଢା କରୁକ୍ ନସ୍‌କାଏସ୍ । ହୁନେକାଜ ମାଚୋ ବିନ୍‌ତି, ତୁମ୍ ରୋଏଜ୍ ଏତାଏସ୍ ଆଉ ମୁଇଁ ମାରୁ ରହତିଂ ଚିତର୍, ସାମ୍ବର୍, ବର୍‌ହା, ମାଁସ କେ ନେହୁନ୍ ବେଚୁନ୍ ମାଁଇପିଲା ଚଳତାଏସ୍ ।**




ଏପରି ଦୁଇଦିନ ଔଷଧ ଦେବା ପରେ ବାଘର ଦୃଷ୍ଟିଶକ୍ତି ଫେରି ଆସିଲା । ବାଘଟି ଦୃଷ୍ଟିଶକ୍ତି ଫେରି ପାଇଥିବାରୁ ତା'ର ଆନନ୍ଦ କହିଲେ ନ ସରେ । କୃତଜ୍ଞତା ଜଣାଇ ବାଘଟି ବୁଢ଼ାକୁ କହିଲା, ମୋର ତମେ ଯେଉଁ ଉପକାର କରିଛ ସେହି ଋଣ ମୁଁ ଶୁଝି ପାରିବି ନାହିଁ । ଆଜିଠାରୁ ତମେ ମୋର ବନ୍ଧୁ । ଏଣିକି ତମକୁ ଆଉ ଜଙ୍ଗଲରୁ କାଠ ଆଣି ବିକ୍ରି କରିବାକୁ ପଡ଼ିବ ନାହିଁ । ଏହି ବୁଢ଼ା ବୟସରେ ତମେ ପରିଶ୍ରମ କରି ପାରିବ ନାହିଁ । ଏରୁ ମୋର ଅନୁରୋଧ ତମେ ପ୍ରତିଦିନ ଆସି ମୁଁ ଶୀକାର କରି ଆଣୁଥିବା ହରିଣ, ବାର୍‌ହା, ସମ୍ବର ପ୍ରଭୃତି ଜନ୍ତୁଙ୍କ ମାଂସ ନେଉଥିବ । ତାକୁ ବିକ୍ରି କରି ତୁମେ ଦୁହେଁ ସୁଖରେ ଚଳିବ ।

ବାଘ୍‌ଚୋ ଗୋଏଠେଁ ବୁଢ଼ା ସବ୍ ଦିନ୍ ହୁନାଚ୍ ନେଙ୍ଗଲେ ଆନିବାନି ଜଙ୍ଗ୍‌ଲୀ ମାଁସ ଆନୁନ୍ ଆଧାକେ ଖାଏତ୍ ଆଉ ଆଧାକେ ବେଁଚେୟତ । ବନକ୍ କରୁନ୍ ଖାଉକେ ମିଳତା କେ ବୁଢ଼ାବୁଢ଼ି ଚୋ ବନକ ଗାଗଡ଼ ମୁଡ଼ ବନକ୍ ହେଲୋ । ଇସଏ କଏ ଦିନ୍ ଯାତାକେ ଦିନକ୍ କୋନ୍ଧ୍ ବୁଢ଼ା କେ ବାଘ୍ ଇସଏ ହାସୁନ୍ ଗୋଠିୟାଏଲୋ – ବଂଧୁ ତୁଇଁ ମାଚ୍‌ନେଙ୍ଗ୍‌ଲେ ଅଧିକ ବଲଓ୍ୱାନ୍ ହେଲାଏସ୍‌ନେ ତୁମଚୋ ଚେହେରା ଦେଖୁନ ମୁଇଁ ବହୁତ ଖୁସି । ବାଘ ଚୋ ୟୋ ଗୋଏଟ୍ କେ ବୁଢ଼ା ଶୁନୁନ୍ ମନେ ମନ୍ ଭାଏବଲୋ ବାଘ୍ ଏକ୍ ଦିନ୍ ମୋକେ ଖାତୋ ନୋହଇଲେ ମୋକ୍ ହୁଁସ ନବଲଏ ପୋଏ ।



ବାଘର ଅନୁରୋଧ ରକ୍ଷା କରି କନ୍ଧବୁଢ଼ା ପ୍ରତିଦିନ ତାଠାରୁ ବିଭିନ୍ନ ବଣପଶୁଙ୍କ ମାଂସ ନେଇ ବିକ୍ରୟ କଲା ଓ କିଛି ମାଂସ ବୁଢ଼ାବୁଢ଼ୀ ଖାଇଲେ । ଭଲ ଖାଇବାକୁ ପାଇବାରୁ ବୁଢ଼ାର ସ୍ୱାସ୍ଥ୍ୟ ଉନ୍ନତି ଘଟିଲା । ସେ ହୃଷ୍ଟପୃଷ୍ଟ ମଧ ହେଲା । ବୁଢ଼ାବୁଢ଼ୀ ଅତି ଆନନ୍ଦରେ ଚଳିଲେ । ଏମିତି କିଛିଦିନ ଗଲାପରେ ଦିନେ କନ୍ଧବୁଢ଼ାକୁ ବାଘ ଥଟ୍ଟାରେ କହିଲା "ବଂଧୁ ତମେ ମୋଠାରୁ ଅଧିକ ବଳବାନ୍ ହୋଇଗଲଣି । ତମର ଚେହେରା ଦେଖି ମୁଁ ବହୁତ ଖୁସି ।" ବାଘର ଏକଥା ଶୁଣି ବୁଢ଼ା ମନେ ମନେ ଭାବିଲା ବାଘ ଦିନେ ତାକୁ ନିଶ୍ଚୟ ଖାଇବ । ନଚେତ୍ ଏକଥା ତାକୁ କହିନଥାନ୍ତା ।

**ହୁଁନେ କାଜ୍ ହୁଁନେ ବାଘ୍ କେ ମାରୁକେ ଉପାୟ ଶୋଏଁଚଲୋ - ଏକ ଦିନ ବାଘ ମାଂସ୍ ମାରୁକ୍ ଯାହୁନ୍ ରହେଲେ । ହୁଁନାଟୋ ଫିରତୋ ବାଟେଁ ଗୋଟକ୍ ଗହିର୍ ଢ଼ୋଡ଼ଗା ରହଏ । ହୁନ୍ ଢ଼ୋଡ଼ଗାଏଁ ପଇରା ବନ୍ ଦେହୁନ୍ ତୋପୁନ୍ ଦେଲୋ । ବାଘ ମାଂସ ଧରୁନ୍ ବୁଢ଼ାକେ ଦେତୋ କାଯେଁ, ଏତ ରହଏଲୋ ଆଉ ବାଘ ହୁନ୍ ଢ଼ୋଡ଼ଗାଏଁ ପଡୁନ୍ ଗୋଲୋ । ପଏଙ୍ଗ୍‌ଲୋ ଆଉ ଛଟ୍‌ପଟ୍ ଛଟ୍‌ପଟ୍ ହେହୁଁନ୍ ଗାଗତ୍ ରହଏ । ବୁଢ଼ା ବାଘକେ ମରାତୋ କାଯେ, ଭାବୁନ୍ ରହେଲୋ । ହୁଁନେ କାଯେଁ, ବୁଢ଼ା ହୁଁନ୍ ଢ଼ୋଡ଼ଗା ତିର୍‌କେ ଯାହୁନ୍ କପଟି ଚାଲ ଖେଲ୍‌ଲୋ । ବନ୍ଧୁ ତୁମ୍ ଢ଼ୋଡ଼ଗାଏଁ ପଡ଼ତା କେ ମୁଁ ଖୁବଏ ଦୁଃଖ । ତୁମ ତୋ ଏଲକ ବଡ଼େ ଆଉ ମୁଇଁ ଉଠାଉକ୍ ସକୟ ନାହିଁ । ଇସୟ ବଲୁନ୍ ବୁଢ଼ା ହୁନ୍ ଢ଼ୋଡ଼ଗାଏଁ ବଡ଼େ ବଡ଼େ ପୋଖନା ଆଉ ମାଟି ଫିଙ୍ଗଲୋ ।**



ଏଣୁ ସେ ବାଘକୁ ମାରିବା ପାଇଁ ଉପାୟ ପାଞ୍ଚିଲା । ଦିନେ ବାଘ ଶୀକାର ପାଇଁ ଯାଇଥିଲା । ତାର ଫେରିବା ବାଟରେ ଥିବା ଗଭୀର ଗାତ ଉପରେ ଘାସ ଓ ଡାଳପତ୍ର ବିଛେଇ ଦେଲା । ବାଘ ଶୀକାର ଧରି ବୁଢ଼ାକୁ ଦେବା ପାଇଁ ଆସିଲା ବେଳେ ସେହି ଗାତରେ ପଡ଼ିଗଲା । ସେ ଛଟପଟ ହୋଇ ଚିତ୍କାର କଲା । ବୁଢ଼ା ତ ବାଘକୁ ମାରିବା ପାଇଁ ଯୋଜନା କରିଥିଲା । ଏଣୁ ସେ ଗାତ ପାଖକୁ ଯାଇ କପଟ ଅଭିନୟ କରି ବାଘକୁ କହିଲା, ତୁମେ ଗାତରେ ପଡ଼ିଯାଇଥିବା ଦେଖି ମୁଁ ବହୁତ ଦୁଃଖିତ । ତୁମେ ଏତେ ବଡ଼ ଓ ଓଜନିଆ ଯେ ମୁଁ ତୁମକୁ ଗାତରୁ ଉଠାଇ ପାରିବି ନାହିଁ । ଏହା କହି ସେ ଗାତରେ ବଡ଼ ବଡ଼ ପଥର ଖଣ୍ଡି ଓ ମାଟି ପକାଇଲା ।


**ବାଘ ଅତି ଦୁଃଖ ଏଁ ବୁଢ଼ାକେ ବଏଲଲୋ ମୁଁ ନାବାଚଁଏ ମରତିଂ ବାଂ । ତୁମ୍ ଚୋ ଉଧାର ରହୁନ ଗୋଲୋ ମାଚୋ ବିନତି ଶୁନା, ମାଚୋ ଉଧାର କେ ଛୁଟତୋ କାଯେଁ ମୋକେ ସାହା ହେଓ୍ୱା । ମୁଇଁ ମଇର୍‌ଲେ ମାଚ୍ ହାତ୍ ଗୋଡ଼୍ ମୁଡ଼୍‌କେ ଅଲଗ୍ ଅଲଗ୍ ଜାଗାଏଁ ତୁମ୍ ଢୋପ୍ ତାଏସ୍ । ଆଉ କଇ ଦିନ୍‌ଚୋ ପାଛେଁ ହୁନାକେ ଖନୁନ୍ ଦେଖ୍‌ତାଏସ । ଇସଏ ବଲୁନ୍ ବାଘ ମରୁନ୍ ଗୋଲୋ । ବାଘଚୋ ଗୋଏଠ୍ ଅନ୍‌ସାରେ କୋନ୍ଧ୍ ବୁଢ଼ା ବାଘ୍ ଚୋ ହାଡ଼୍, ଗୋଡ଼୍, ଆଁତି, ପୋଟା, ଖିଆଲ ସବ୍ ଜିନିଷକେ ଏଁଥା ହୁଁଥା ତୋପୁନ୍ ଦେଲା । କଏ ଦିନ୍ ଚୋ ବାଦେଁ ଖନୁନ୍ ଦେଖଲୋ, ଯୋନ୍ ଯୋନ୍ ଜାଗାଏଁ ହାଁଥ, ଗୋଡ଼୍, ମୁଡ଼୍ ତୋପା ଯାହୁନ୍ ରହେଲୋ । ହୁଁଥା ସୋନା ରୁପା ତୋପା ହେହୁନ୍ ଆହେ ।ବୁଢ଼ା ଚୋ ମନ୍ ଭିତରେଁ ଚେତ୍‌ଲୋ କି ଯୋନ୍ ବାଘକେ ହୁନ୍ କପଟ୍ କରୁନ୍ ମାର୍ ରହେଲା, ହୁନଏ ବାଘ ମଏର୍‌ଲୋ ପାଛେ ଘଲାଏ ସୋନା ରୂପା ହେହୁନ୍ ବୁଢ଼ାକେ ଉପ୍‌କାର୍ କଶର୍‌ଲୋ ।**



ବାଘଟି ଅତି ଦୁଃଖରେ ବୁଢ଼ାକୁ କହିଲା, ବନ୍ଧୁ, ମୁଁ ଆଉ ବଂଚି ପାରିବି ନାହିଁ, ମୁଁ ମରିଯିବି । ତୁମର ଋଣ ରହିଗଲା । ମୋର ଅନୁରୋଧ ରଖି ମୋତେ ଟିକେ ଉପକାର ଶୁଝିବା ପାଇଁ ସୁଯୋଗ ଦେବ । ମୁଁ ମରିଯିବା ପରେ ମୋର ମୁଣ୍ଡ, ଗୋଡ଼, ପିଠି ପ୍ରଭୃତିକୁ ଭିନ୍ନ ଭିନ୍ନ ଯାଗାରେ ପୋତିଦେବ । କିଛି ଦିନ ପରେ ପୁଣି ଖୋଳି ଦେଖିବ, ଏହା କହି ବାଘ ମରିଗଲା । ବାଘ କହିବା ଅନୁସାରେ କନ୍ଧବୁଢ଼ା ବାଘର ବିଭିନ୍ନ ଅଂଶକୁ ଭିନ୍ନ ଭିନ୍ନ ଜାଗାରେ ପୋତିଦେଲା । କିଛି ଦିନ ପରେ ପୁଣି ଖୋଳି ଦେଖିଲା ଯେଉଁ ଯେଉଁ ଜାଗାରେ ତା ଶରୀରର ଅଂଶ ପୋତା ହୋଇଥିଲା, ସେଠି ସୁନା ଓ ରୂପା ରହିଛି । ବୁଢ଼ା ମନରେ ଚେତା ପଶିଲା । ଯେଉଁ ବାଘକୁ ସେ କପଟ କରି ମାରିଦେଲା । ସେହି ବାଘ ମରିବା ପରେ ମଧ୍ୟ ସୁନା  ରୂପା ହୋଇ ତା'ର ଉପକାର କରିଛି ।


# କାନଫୁଲ କହିନ୍ (କାନଫୁଲ କାହାଣୀ)

ଗୋଟୋକ୍ ରାଏଜେଁ ଜନାଏକ୍ ଧର୍ମି ରାଜା ରହେଲୋ । ହୁମାନ୍ ଟୋ ସବ୍ ଜାଏତ୍ ରହେଲୋ । ହେଲେ ଗୋଟୋକ୍ ଗୋଏଠ୍ ଟୋ ଅଭାବ୍ ରହଏ । ହୁନା ହେଲୋ ହୁମାନ୍ ଟୋ କୋନୟ ବେଟା ବେଟି ନାହିଁ ରହିଁ । ଏନେ କାର୍ଯେ ଯେଁ ରାଜା ରାନି ବଡ଼ାଏ ଦୁଃଖେଁ ରହତ୍ ରହେଲା । ବେଟାବେଟି ଗୋଟୋକ୍ ଆଧକ୍ ଲାହତୋ କାଯେ, ଆନିବାନି ତିହାର୍ ବରତ୍ କରୁନ୍ ଦାନ୍ ପୁଇନ୍ ଯାକ୍ଯଜ୍ଞ କରତ୍ ରହେଲା । ଦେଓ ଧାମିଏଁ ବି ବଦ୍ନା ଛଦ୍ନା କରତ୍ ରହେଲା । ଭଗଓ୍ଵାନ ହୁମାନ୍‌ଟୋ ପିରାକେ ବୁଇଝଲା । କଏଦିନ୍ ଭିତରେ ରାନୀ ଗରଭ୍‌ବାସ୍ ହେଲି । ରାଜା ରାନୀ ଟୋ ଖୁସି କାଁଏକ୍ ଦେଖ୍‌ତାଏସ୍ । ଦଶ ମହିନା ପୂରା ହେଲୋ ।



ଗୋଟିଏ ରାଜ୍ୟରେ ଜଣେ ଧାର୍ମିକ ରାଜା ଥିଲେ । ତାଙ୍କର ସବୁକିଛି ଥିଲା । ହେଲେ ଗୋଟିଏ କଥାର ଅଭାବ ରହିଥିଲା । ତାହା ହେଲା ତାଙ୍କର କେହି ପିଲାପିଲି ନ ଥିଲେ । ଏଥିପାଇଁ ରାଜାରାଣୀ ବହୁତ ଦୁଃଖରେ କାଳ କାଟୁଥିଲେ । ସନ୍ତାନଟିଏ ପାଇବା ପାଇଁ ବହୁ ଓଷାବ୍ରତ, ଦାନପୁଣ୍ୟ, ଯାଗଯଜ୍ଞ କରୁଥିଲେ । ଦେବଦେବୀଙ୍କୁ ମାନସିକ କରୁଥିଲେ । ଭଗବାନ ତାଙ୍କ ଦୁଃଖ ବୁଝିଲେ । ରାଣୀ ଗର୍ଭବତୀ ହେଲେ । ରାଜା ଓ ରାଣୀଙ୍କ ଆନନ୍ଦ କହିଲେ ନ ସରେ । ଦଶମାସ ପୂର୍ଣ୍ଣ ହେଲା ।

ରାନୀ କେ ଗୋଟକ୍ ସୁନ୍ଦରହି ନୋନି ପିଲା ଜନମ୍ ହେଲୋ । ନୋନି ପିଲା ଅତି ଯତନ୍ ଆଉ ଆଦ୍‌ରେ ଏଁ ବାଏଢ଼୍‌ଲି । ହୁଁସୟ ହୁଁସୟ ହୁନ୍ ମଟ୍ୟାରୀ ଜଓ୍ୱାନ୍ ହେଲି । ତାହାଁଲେ ନୋନି ଚୋ ବାଢ଼ନ୍ (ରଜଃବତୀ) ହେଲୋ । ରାଜା ବାଁଭନ୍ ହଁଖ୍‌ରାଉନ୍ ଲଗନ୍ ଦୋଷ୍ ଗନତି୍ କରାଏଲୋ । ବାଁଭନ୍ ବଏଲଲୋ– ମାହ୍‌ରାଏଜ୍ ତୁମ୍‌ଚୋ ୟୋ ନୋନିଚୋ ଜାତକ୍ ଲେ ଜନା ପଢ଼ତାହେ ଯୋ ଏକ୍ ଦିନ୍ ତୁମ୍‌ଚୋ ୟୋ ରାଏଜ୍ କେ ମେଟାଉନ୍ ଦେତି । ଏଥାଁ ଲହୁଚୋ ପୁର୍‌ଯାତୋ, ତୁମ୍‌ଚୋ ଜୀଉକେ ହାନି ହେତୋ । ହୁନେ କାଯେ, ୟୋ ନୋନିକେ ରାଏଜେଁ ଏକ ଘଡ଼ି ଘଲାଏ ଥେଓ୍ୱା ନାହିଁ ମହରାଏଜ୍ । ବାଭଁନ୍ ଚୋ ଗୋଏଠ୍ କେ ଶୁନୁନ୍ ରାଜା ଦୁଃଖ୍ ଆଉ ଡର୍‌ଏଁ ଘବ୍‌ରାଉନ୍ ଗୋଲୋ ।




ରାଣୀଙ୍କର ଏକ ସୁନ୍ଦର କନ୍ୟା ସନ୍ତାନ ଜନ୍ମ ହେଲା । କନ୍ୟାଟି ଅତି ଯତ୍ନ ଓ ଆଦରରେ ବଢ଼ିବାକୁ ଲାଗିଲା । ସମୟକ୍ରମେ ସେ ଯୌବନରେ ପାଦ ଦେଲା । କନ୍ୟାଟି ରଜଃବତୀ ହେଲା ରାଜା ପୁରୋହିତଙ୍କୁ ଡକାଇ କନ୍ୟାଟିର ଲଗ୍ନଦୋଷ ଗଣନା କରାଇଲେ । ପୁରୋହିତ କହିଲେ, "ମହାରାଜ ଆପଣଙ୍କ ଏହି ଅଲିଅଳି କନ୍ୟାର ଜନ୍ମଜାତକରୁ ଜଣାପଡୁଛି ଯେ, ଏକଦା ଆପଣଙ୍କ ରାଜ୍ୟକୁ ଧ୍ୱଂସ କରିଦେବ । ଏହି ରାଜ୍ୟରେ ରକ୍ତପାତ ହେବ । ଆପଣଙ୍କ ଜୀବନ ହାନୀ ଘଟିବ" । ଏଥିପାଇଁ ଏହି କନ୍ୟାକୁ ରାଜ୍ୟରେ କ୍ଷଣେ ମାତ୍ର ରଖନ୍ତୁ ନାହଁ ମହାରାଜ । ପୁରୋହିତଙ୍କ କଥା ଶୁଣି ରାଜା ଦୁଃଖ ଓ ଭୟରେ ଆତଙ୍କିତ ହୋଇଗଲେ ।

ରାଜା ପଚାଏରଲୋ ଏଭିଂ ମୁଇଁ କାଏଁ କରତିଂ ବାଁଭନ ଜୀ । ବାଁଭନ୍ ବଏଲଲୋ - ମହରାଏଜ୍ - ୟୋ ନୋନିକେ ଗୋଟୋକ୍ ରୁକ୍ ଟୋ ସନ୍ଧୁକ ଭିତରେଁ ଭରୁନ୍ ନଇଦେଁ ବୋହ୍ଲାଉନ୍ ଦାହାଏସ୍ ମହରାଏଜ୍ । ରାଜା ଆପ୍ଲୁ ରାଏଜ୍ କେ ବଂଚାତୋ କାଯେଁ ବାଁଭନ୍ ଟୋ ଗୋଇଠ୍ଏଁ ହୁନ୍ ରାଜ୍‌କୁମାରୀ କେ ଗୋଟୋକ୍ ରୁକ୍‌ଟୋ ସଂଦୁକ୍ ଭିତରେଁ ଭରୁନ୍ ନଏନ୍ଧ ଟୋ ପୁରେଂଏଁ ବୋହ୍ଲାଉନ୍ ଦେଲୋ । ବାଭଁନ୍ ଟୋ ଦୁର୍ ଭାବ୍‌ନା ବୁଦ୍ଧି ରହେଲୋ କିସ୍ କରୁନ୍ ହୁନ ରାଜକୁମାରୀକେ ମୁଇଁ ଲାହତିଂ । ରାଜକୁମାରୀ କେ ଲାହତୋ ସେତି ଏହାରା ଗୋଟୋକ୍ କପଟ୍ ଭାବ୍ ହୁଁ ହୁନ୍ ବାଭଁନ୍ ଟୋ ।




ରାଜା ପଚାରିଲେ, ଏବେ ମୁଁ କ'ଣ କରିବି ମହାଶୟ ? ପୁରୋହିତ ଏହି କନ୍ୟାକୁ ଏକ କାଠ ପେଡ଼ିରେ ପୁରାଇ ନଦୀରେ ଭସାଇ ଦିଅନ୍ତୁ ମହାରାଜା । ରାଜା ନିଜ ରାଜ୍ୟକୁ ରକ୍ଷା କରିବା ପାଇଁ ପୁରୋହିତଙ୍କ କଥାରେ ରାଜଜେମାଙ୍କୁ ଏକ କାଠପେଡ଼ିରେ ଭର୍ତ୍ତି କରି ନଦୀ ସୁଅରେ ଭସାଇ ଦେଲେ । ପୁରୋହିତଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିଲା ଅପୂର୍ବ ସୁନ୍ଦରୀ ରାଜଜେମାଙ୍କୁ ପାଇବା ପାଇଁ ।

ବାଁଭନ୍ ରାଜକୁମାରୀ କେ ନଏନ୍ଧ୍‌ଟୋ ପୁରେଁ ବୋହଲାତୋ କାଯେଁ ଗୋଏଠ୍ ଦେଲୋ । ଆଉ ହୁନ୍ ବାଁଭନ୍ ନଏନ୍ଧ୍ ଟୋ ଖାଲ୍ ବାହୁଁକେ ଗୋଲୋ ଆଉ ରାଜ୍‌କୁମାରୀ କେ ପୁରଲେ ଲାହତି ବଲୁନ୍ ଟାଖତ୍ ରହେଲୋ । ରାଜକୁମାରୀ ରୁକଟୋ ସଂଦୁକ୍ ଏଁ ନଏନ୍ଧ ଟୋ ପୁରେଁ ଉପ୍‌ଲୁନ୍ ଯାତଏ୍ ଯାତଏ୍ ଖୁବୟ୍ ଧୁରେଁ ଗୋଟୋକ ଟେରେ   ଅଲଏଜ୍‌ଲୋ । ହୁନ୍ ଜାଗା ରହେଲୋ ଦୁସରା ଗୋଟୋକ ରାଏଜ୍ ଟୋ ଗାଁଓ୍ୱ । ରାଜା ଟୋ କାତ୍‌ୱାଲ ମାନେ ନଏନ୍ଧେ ରହେଲା ହୁନ୍ ସନ୍ଧୁକ କେ ପାନିଲେ ନିଙ୍ଗାଏଲା । ହୁନାକେ ନେହୁନ୍ ରାଜା ଟୋ ଦର୍‌ବାର୍ ଏଁ ଥେଓଲା ।



ରାଜଜେମାଙ୍କୁ ପାଇବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା ପୁରୋହିତଙ୍କର । ପୁରୋହିତ ରାଜଜେମାଙ୍କୁ ନଦୀ ସୁଅରେ ଭସାଇ ଦେବା ପାଇଁ ରାଜାଙ୍କୁ ପରାମର୍ଶ ଦେଲେ ଓ ସେ ନଦୀର ଅନ୍ୟ ମୁଣ୍ଡରେ ରାଜଜେମାଙ୍କୁ ପାଇବା ପାଇଁ ଅପେକ୍ଷା କରି ରହିଥିଲେ । ରାଜଜେମା କାଠପେଡ଼ିରେ ଭାସି ଭାସି ଯାଇ ବହୁ ଦୂରରେ ଏକ ଟେରରେ ଲାଗିଲେ ।ସେହି ସ୍ଥାନଟି ଥିଲା ଅନ୍ୟ ଏକ ରାଜ୍ୟର ଗାଁଆ । ରାଜାଙ୍କ କଟୁଆଳମାନେ ପେଡ଼ିଟିକୁ ନଦୀରେ ଭାସୁଥିବା ଦେଖି ସେଇଟିକୁ ଉଦ୍ଧାର କଲେ । ସେଇଟିକୁ ନେଇ ରାଜାଙ୍କ ଦରବାରରେ ଦେଲେ ।

ହୁନ୍ ଦିନ୍ ରାଜା କାହିଁ ଜରୁରୀ କାମେ ଉମ୍ଡୁନ୍ ମୁଡ଼ନ୍‌ରହୟ ହୁନ ସଂଦୁକ ଚୋ ଗୋଏଠ କେ ପାସରୁନ୍ ଦେଲୋ । ତା ହାଁଲେ ହୁନ୍ ଦିନ୍ ହୁନ୍ ସଂଦୁକ ଚୋ ରାଜକୁମାରୀ ରାଏତେଂ ବାହିର୍ କେ ନିଙ୍ଗୁନ୍ ୟୋଂକେ ହୁଁକେ ବୁଲା ବୁଲି କରୁନ୍ ଫେର୍ ହୁନ୍ ସଂଦୁକ୍ ଭିତର୍ କେ ନିଙ୍ଗୁନ୍ ଦେଲି । ହୁନ୍ ଘଡ଼ି ହୁନିଚୋ କାନ୍ ଚୋ ଫୁଲ ଦର୍‌ବାର୍ ଭିତରେ ପଡୁନ୍ ଗୋଲୋ । ହୁନେ ଚୋ ଆଉର୍ ଦିନ୍ ରାଜକୁମାରୀ ଚୋ ହୁନ୍ କାନଫୁଲ କେ ରାଜା ଚୋ ଚାକର୍ ଚପ୍‌ରାସୀ ଲାହେଲା । ଆଉ ରାଜାକେ ନେହୁନ୍ ଦେଲା । ରାଜା ହୁନ୍ ସୁନ୍ଦର କାନଫୁଲ କେ ଦେଖୁନ୍ ମନେ ମନେ ଭାଏବଲୋ ଯୋ- ୟୋ କାନଫୁଲ ଯଦି ଏଲକ୍ ସୁନ୍ଦର୍ ଏନେଚୋ ରାଜକୁମାରୀ କେଲକ୍ ସୁନ୍ଦର୍ ଆହେ ?




ରାଜା କୌଣସି ଜରୁରୀ କାର୍ଯ୍ୟରେ ସେଦିନ ବ୍ୟସ୍ତ ରହିଥିଲେ । ସେହି ପେଡ଼ି କଥା ରାଜା ଭୁଲିଗଲେ । ରାଜଜେମା ସେହି ପେଡ଼ି ଭିତରୁ ରାତିରେ ବାହାରି ଟିକେ ବୁଲାବୁଲି କରି ପୁଣି ସେହି ପେଡ଼ି ଭିତରେ ପଶିଗଲେ । ଏହି ସମୟରେ ତାଙ୍କ କାନଫୁଲଟି ରାଜ ଦରବାରରେ ପଡ଼ିଯାଇଥିଲା । ତା ପରଦିନ ରାଜଜେମାଙ୍କ ସୁନ୍ଦର କାନଫୁଲଟିକୁ ଜଣେ ରାଜ କର୍ମଚାରୀ ପାଇ ରାଜାଙ୍କୁ ନେଇ ଦେଲା । ରାଜା ସୁନ୍ଦର କାନଫୁଲଟି ପାଇ ମନେ ମନେ ଭାବିଲେ ଯେ, ଏହି କାନଫୁଲଟି ଯଦି ଏତେ ସୁନ୍ଦର, ଏହାକୁ ଯେ ପିନ୍ଧିଥିଲା ସେ କେତେ ସୁନ୍ଦର ହୋଇ ନଥିବ ।

ରାଜା ମନେ ମନ୍ ଯୋ କାନଫୁଲ୍‌ଟୋ ଲେଓ୍ୱଇୟା କାହାଁ ଲାହତିଂ ? ବଲୁନ୍ ଆଁଇଁଖେ ନିନ୍ଧ୍ ନାହିଁ ପୋଟଲାଏ ଭୁକ୍ ନାହିଁ । ରାଜା ବହୁତ ଖୋଏଜଲୋ । ଇସୟ ଇସୟ ଦୁଇ ଦିନ୍ ହେଲୋ । ରାଜା ଆକସମାତ୍ ହୁନ୍ ନଏନ୍ଧଲେ ଲାହେଲୋ ସଂନ୍ଧୁକ୍ ଟୋ ଗୋଏଠ୍ କେ ମନେ ପଡ଼ାଏଲୋ । ରାଜା ଆପ୍‌ଲୁ ଚାକର୍ ଚପ୍ରାସୀ ମାନ୍‌କେ ସଂନ୍ଧୁକକେ ଫାଡ୍ରୁକେ ଆଦେଶ୍ ଦେଲୋ । ସଂନ୍ଧୁକ ଖୋଲା ହେଲୋ । ହୁନ୍ ଭିତରେଁ ଗୋଟୋକ ସୁନ୍ଦ୍ରହୀ ମୁହିଁ ରାଜକୁମାରୀ ନୋନି ରହୟ୍ । ହୁନିଟୋ ଲୋଭ୍ ଲୋଭ୍‌ନା ସୁନ୍ଧର୍ ରୁପ୍‌କେ ରାଜା ମନ୍ ଭୋରତ୍‌ଲେ ଦେଖତ୍ ରହଏ । ହୁନ୍ ଦେଖ୍‌ଲୋ ଯୋନୋନିଟୋ କାନେ ଗୋଟକଏ କାନଫୁଲ ରହଏ୍ ।



ରାଜା ତାଙ୍କୁ ପାଇବା ପାଇଁ ମନେ ମନେ ବହୁତ ଖୋଜିବାକୁ ଲାଗିଲେ । ଇତି ମଧ୍ୟରେ ଦୁଇଦିନ ବିତିଗଲା । ରାଜା ହଠାତ୍ ନଦୀରୁ ପାଇଥିବା କାଠପେଡ଼ି କଥା ମନେ ପକାଇଲେ । ସେ ତାଙ୍କ କର୍ମଚାରୀଙ୍କୁ ପେଡ଼ିଟିକୁ ଖୋଲିବା ପାଇଁ ଆଦେଶ ଦେଲେ । କାଠପେଡ଼ିଟି ଖୋଲା ହେଲା । ସେଥିରେ ବସିଥିଲା ଏକ ଦିବ୍ୟ ସୁନ୍ଦରୀ କନ୍ୟାଟିଏ । ତାର ମନଲୋଭା ସୁନ୍ଦର ରୂପକୁ ରାଜା ମନଭରି ଦେଖିବାକୁ ଲାଗିଲେ । ସେ ଦେଖିଲେ ଯେ, ରୂପବତୀର କାନରେ ଗୋଟିଏ ଗୋଟିଏ ମାତ୍ର କାନଫୁଲ ରହିଛି ।

ହୁନା ଘଲାଏ ଅତି ସୁନ୍ଧର୍ କାନଫୁଲ ହୁନ୍ । ହୁସୟ ଖିଆଲ ଗୋଟୋକ କାନଫୁଲ ହୁନ୍ ଆପଲୁ ରାଜ୍ ଦର୍ବାର୍ଏଁ ଲାହୁନ୍ ରହେଲୋ । ରାଜା କାନଫୁଲ ଲାହିଲୋ ଦିନଲେ ଯାହାକେ ମନେମନ୍ ଖୋଜତ୍ ରହେଲୋ ହୁନୟ ମନ୍ ଚୋ ରାନୀ ହେତାହେ ହୁନ୍ ରାଜକୁମାରୀ । ରାଜା ଖୁସିଏଁ ଉଛୁଲୁନ୍ ଯାତ୍ ରହଏ । ରାଜା ରାଜକୁମାରୀ ନେଙ୍ଗ୍ଲେ ସଭୟ ଗୋଏଠ୍ ଶୁଇନ୍ ଲୋ । ହୁନିକେ ବିହା ହେତୋ ସେତି ଠିକାନା କଏର୍ଲୋ । ବିହାଘର ବଡେ ଧୁମ୍ଧାମ୍ଏଁ ଛେଦଏଲୋ । ରାଜା କାନ୍ଫୁଲ୍କେ ଲାହୁନ୍ ରାଜକୁମାରୀକେ ମନେ ମନ୍ ମନ୍ କର୍ ରହେଲୋ । ହୁନିକେ ବିହା ହେଲୋ ବଲୁନ୍ ହୁନିଚୋ ନାଓ କେ କାନଫୁଲ ବଏଲଲୋ ।



ପୁଣି ସେହି କାନଫୁଲଟି ଅତି ସୁନ୍ଦର କାନଫୁଲଟିଏ । ସେହି ପରି ଏକ ସମାନ କାନଫୁଲ ସେ ଏହି ରାଜ ଦରବାରରୁ ପାଇଥିଲେ । ରାଜା କାନଫୁଲଟି ପାଇବା ଦିନରୁ ଯାହାକୁ ମନେ ମନେ ଖୋଜୁଥିଲେ ସେହି ମନର ମାନସୀ ହେଉଛି ଏଇ ରାଜକୁମାରୀ । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାଜା ରାଜକୁମାରୀଙ୍କଠାରୁ ସମସ୍ତ କଥା ଶୁଣିଲେ । ତାଙ୍କୁ ବାହା ହେବା ପାଇଁ ସ୍ଥିର କଲେ । ବାହାଘର ଧୁମ୍ଧାମ୍‌ରେ ସରିଲା । ରାଜା କାନଫୁଲଟିଏ ପାଇ ରାଜକୁମାରୀଙ୍କୁ ମନେ ମନେ ଭଲ ପାଇଥିଲେ । ତାଙ୍କୁ ବାହା ହୋଇଥିବାରୁ ତାଙ୍କ ରାଣୀଙ୍କ ନାମ ରଖିଲେ କାନଫୁଲ ।

# ଦୁରୁଆ ବୁଢ଼ା ଆଉ ମୂଷା ଗୋଏଟ୍
# (ଦୁରୁଆ ବୁଢ଼ା ଓ ମୂଷା କଥା)

ଗୋଟୋକ୍ ଗାୱେଁ ଦୁରୁଆ ଜାଏତ୍ ଟୋ ବୁଢ଼ାବୁଢ଼ୀ ରହେଲା । ହୁମାନ୍ ଟୋ ନୋନିବାବୁ କାହିଁ ନାହିଁ ରହି । ହୁମାନେ ଗୋଟୋକ୍ ମୂଷା ପୋଷୁନ୍ ରହେଲା । ହୁମାନ୍ ଟୋ ଖୁବୟ କୁକ୍ଡା ରହେଲୋ । ବୁଢ଼ା ଆପ୍ଲୁ ଡୋଙ୍ଗର୍ଏଁ ଝୁଡ଼ଙ୍ଗା ରୋପୁନ୍ ରହେଲୋ । ବୁଢ଼ୀ ପୋଷୁ ରହେଲି ମୂଷା ଟୋ ବଡ଼େ ବୁଦ୍ଧି । ହୁନ ଡ଼ୋଙ୍ଗର୍ କେ ଯାହୁନ୍ କୋଲ୍ହିଆ ମାନ୍ଟୋ ସବ୍ ଖଭେର୍ ଆନୁନ୍ ବୁଢ଼ାକେ ଦଏ । ଏକ ଦିନ କୋଲ୍ହିଆ ମାନଟୋ ଗୋଏଠ୍ କେ ଶୁନୁନ୍ ମୂଷା ବୁଢ଼ାକେ ଗୋଠୟାଇଲୋ । ଆଏଜ୍ ଟୋ ରାଇତେ କୋଲହିଆମାନେ ଡୋଙ୍ଗ୍ର କେ ଝୁଡ଼ଙ୍ଗା ଖାଉକେ ଏୱାଁ ବଲୁନ୍ ଗୋଏଠ୍ ବାତ୍ ହେତ୍ ରହଏତ୍ ।




ଗୋଟିଏ ଗାଁରେ ଦୁରୁଆ ସଂପ୍ରଦାୟର ବୁଢ଼ାବୁଢ଼ୀ ଥିଲେ । ତାଙ୍କର ପିଲାପିଲି କେହି ନ ଥିଲେ । ସେମାନେ ଗୋଟିଏ ମୂଷା ପୋଷିଥିଲେ । ତାଙ୍କର ବହୁତ କୁକୁଡ଼ା ଥିଲା । ବୁଢ଼ା ତାଙ୍କ ଡଙ୍ଗରରେ ଝୁଡୁଙ୍ଗ ଲଗାଇଥିଲା । ବୁଢ଼ା ପାଳିଥିବା ମୂଷାଟି ଭାରି ବୁଦ୍ଧିଆ । ସେ ଡଙ୍ଗରକୁ ଯାଇ ବିଲୁଆମାନଙ୍କ ସବୁ ଖବର ଆଣି ବୁଢ଼ାକୁ ଦେଉଥାଏ । ଦିନେ ସେ ବିଲୁଆମାନଙ୍କ କଥା ଶୁଣି ବୁଢ଼ାକୁ ଆସି କହିଲା - "ଆଜି ରାତିରେ ବିଲୁଆମାନେ ଝୁଡ଼ଙ୍ଗ ଖାଇବାକୁ ଆସିବେ ବୋଲି କଥା ହେଉଥିଲେ ।"

**ବୁଢ଼ା ବଏଲଲୋ, ଠିକ୍ ଆହେ, ମୁଇଁ ଆଏଜ ଝୁଣଙ୍ଗା ରାଖୁକେ ଯାତିଂ । ବୁଢ଼ା ରାଇତେଂ ଝୁଣଙ୍ଗା ରାଖୁକେ ଗୋଲୋ । ହୁଁଥା ହୁନ୍ ଆଏଗ୍ ଧରାଉନ୍ ବସୁ ରହଏ । କୋହଲିଆମାନେ ଝୁଣଙ୍ଗା ଟୋଡୁନ୍ ହୁନ୍ ଆଏଗେଁ ଭୁଜୁନ୍ ଖାଏତ । ବୁଢ଼ା ଚେତ୍‌ଲେ ଫେର୍ ପଲଏତ୍ । ଶୋଏଲେ ଫେର୍ ଅଏତ୍ ଆଉ ଖାଏତ୍ । ବୁଢ଼ା ଆଏଗ୍ ନେଇଙ୍ ଘୁମ୍ ଖାଉନ୍ ଗୋଲୋ । କୋଲହିଆ ମାନେ ଝୁଣଙ୍ଗା ଭୁଜତ୍ ରହଏତ୍ । ବୁଢ଼ା ପାଦଏ ହାର୍ କେ ହୁମାନେ ଝୁଣଙ୍ଗା ଭୁଜ୍‌ତାକେ ଠାଏ ଠାଏ ଫୁଟତ୍ ଆହେ ବଲଏତ୍ । ତାଁ ହେଲେ ଝୁଣଙ୍ଗା ଭୁଜୁନ ଖାତ ରହେଲା ଆଉ ବୁଢ଼ା ଚେତଲୋ ଆର୍ ଖେଦୁନ୍ ଦେଲୋ । ବୁଢ଼ା ଶଉତାକେ ଫେର୍ କୋଲହିଆ ମାନ୍ ଝୁଣଙ୍ଗା ଖାଏତ୍ । ଇସଏ ଇସଏ ରାଏତ୍ ପାହେଲୋ ।**



ବୁଢ଼ା କହିଲା, "ହେଉ, ମୁଁ ଆଜି ଝୁଡ଼ଙ୍ଗ ଜଗିବାକୁ ଯିବି ।" ବୁଢ଼ା ରାତିରେ ଝୁଡ଼ଙ୍ଗ ଡଙ୍ଗର ଜଗିବାକୁ ଗଲା । ସେଠାରେ ନିଆଁ ଜାଳି ଜଗି ରହିଲା । ବିଲୁଆମାନେ ଝୁଡ଼ଙ୍ଗ ତୋଳି ସେହି ନିଆଁରେ ପୋଡ଼ି ଖାଉଥିଲେ । ବୁଢ଼ା ଘଉଡ଼ାଇଲେ ସେମାନେ ଦଉଡ଼ି ପଳାଉଥିଲେ । ପୁଣି ବୁଢ଼ା ଶୋଇପଡ଼ିବା ପରେ ଆସି ଝୁଡ଼ଙ୍ଗ ଖାଉଥିଲେ । ବୁଢ଼ା ନିଆଁ ପାଖରେ ଘୁମେଇ ପଡ଼ିଲା । ବିଲୁଆ ମାନେ ଝୁଡୁଙ୍ଗ ପୋଡ଼ିଥିଲେ । ବୁଢ଼ା ପାଡ଼ିଲେ ତା'ର ଶବ୍ଦରେ ସେମାନେ ଭାବନ୍ତି ଝୁଡ଼ଙ୍ଗ ପୋଡି ଫାଟିଗଲାଣି । ଏହା ପରେ ନିଆଁରୁ ଝୁଡୁଙ୍ଗ ବାହାର କରି ସେମାନେ ଖାଉଥିଲେ । ବୁଢ଼ା ଘଉଡ଼ାଇ ଦେଲେ ସେମାନେ ପୁଣି ଦୌଡ଼ି ପଳାଉଥିଲେ । ଏମିତି ରାତି ପାହିଗଲା ।

**ମଂ ଝନ୍‌କେ ମୂଷା ଝୁଣଙ୍ଗା ଡ଼ୋଙ୍ଗ୍‌ର ବାହୁଁକେ ହିଁଣୁକେ ଗୋଲୋ । ହୁନ୍ ଲୁକୁନ୍ ଶୁଇନ୍‌ଲୋ ଯୋ କୋଲହିଆମାନ୍ ଫେର୍ ଗୋଏଠ୍ ବାତ୍ କରତାହେତ୍ । ଗୋଟୋକ ବୁଢ଼ା କୋଲହିଆ ବଏଲଲୋ - ଏ ବାବୁକୋନ୍ ବୁଢ଼ା ଖୁବଏ କୁକ୍‌ଡା ପୋଷୁନ୍ ଆଛଏ । ବଡ଼ାଏ ସୁନ୍ଦର ସୁନ୍ଦର୍ ଗାଞ୍ଜାମାନ୍ ହୁନାଚୋ ଖୁବଏ ଆହେ । ଆଧା କୋଲହିଆ ମାନ୍ ବଏଲ୍‌ଲୋ - ଲେ ତେବେନ୍ ଆଏଜ୍ ଚୋ ରାଏତେଁ ହୁନାଚୋ ଘର୍‌କେ କୁକ୍‌ଡା ଖାଉଁକେ ଯାଓ୍ୱାଁ । ଯୋ ଗୋଏଟ୍ କେ ମୂଷା ଶୁନୁନ୍ ବୁଢ଼ାକେ ଏହୁନ୍ ଗୋଠୟାଏଲୋ ବୋଡୁ, ବୋଡୁ ମୋକେ ମୁଠାଏକ୍ ଧାନ୍ ଦେଁ , ଚୁଟ୍ ଚୁଟ୍ ଖାହୁଁନ୍ ଦେତି, ସୁଟ୍ ସୁଟ୍ କହୁନ୍ ଦେତିଂ । ବୁଢ଼ା ମୂଷାକେ୍ ଧାନ୍ ଦେଲୋ ।**



ମଧ୍ୟାହ୍ନ ସମୟରେ ମୂଷା ଝୁଡ଼ଙ୍ଗ ଡଙ୍ଗର ଆଡ଼େ ବୁଲିଗଲା । ସେ ଲୁଚିକରି ଶୁଣିଲା ଯେ ବିଲୁଆମାନେ ମନ୍ତ୍ରଣା କରୁଛନ୍ତି । ଗୋଟିଏ ବୁଢ଼ା ବିଲୁଆ କହିଲା, "ଭାଇମାନେ ବୁଢ଼ା ବହୁତ କୁକୁଡ଼ା ପାଳିଛି । ବଡ଼ ସୁନ୍ଦର ଓ ହୃଷ୍ଟପୁଷ୍ଟ ଗଂଜା ସବୁ ତାର ଅଛି ।" ଅନ୍ୟ ବିଲୁଆମାନେ କହିଲେ, "ହେଉ ଆଜି ରାତିରେ ତା' ଘରକୁ କୁକୁଡ଼ା ଖାଇବାକୁ ଯିବା ।" ଏଇ କଥା ମୂଷା ଶୁଣି ବୁଢ଼ାକୁ ଆସି କହିଲା, "ବଡୁ, ବଡୁ ମୋତେ ମୁଠେ ଧାନ ଦେ, ମୁଁ ଚୁଟ୍ ଚୁଟ୍ କରି ଖାଇବି, ମୁଟ୍ ମୁଟ୍ ବୋଲିବି । ବୁଢ଼ା ମୂଷାକୁ ମୁଠେ ଧାନ ଦେଲା ।

ହୁନ୍ ଚୁଟ୍ ଚୁଟ୍ କରୁନ୍ ଧାନ୍ ଖାହାଁ ଖାହାଁ ବଏଲଲୋ - ବୋଡୁ ବୋଡୁ ଆଏଜ୍ କୋଲହିଆମାନ୍ ଆମ୍‌ଚୋ ଘରକେ କୁକ୍‌ଡ଼ା ଚୋରୁକେ ଏତା । ଇସଏ ବଲୁନ୍ ଗୋଠ୍‌ୟାଓ୍ୱତ୍ ରହେଲା ଆଉ ମୁଇଁ ଶୁଇନ୍‌ନୀ । ୟୋ ଗୋଏଠ୍ ଶୁନୁନ୍ ବୁଢ଼ା ଗୋଟୋକ ହସିଆ କେ ଆଏଗେଁ ଲାଲ୍ ହେତ୍‌ଲେ ତପାଉନ୍ କୁକୁଡ଼ା ଘର୍ ଚୋ ଆଗିଲ୍ କେ ଯାହୁନ୍ ଝାଁକା ବସୁନ୍ ରହେଲ । କୋଲହିଆମାନ୍ କୁକୁଡ଼ା ଘର ଠାଓ୍ୱୟ କେ ଏତୟ୍ ସାଏର୍ ବୁଢ଼ା ହଁସିଆକେ ଦେଲୋ ଫିଙ୍ଗୁନ୍ । କୋଲହିଆମାନ୍ ଏଦାଁଏ ଆଉ କୁକ୍‌ଡ଼ା ଖାଏତ୍ ନାହିଁନ୍ ବାଁ ବଲୁନ୍ ବୁଢ଼ା ଭାଏବ୍‌ଲୋ ।



ସେ ଚୁଟ୍ ଚୁଟ୍ କରି ଧାନ ଖାଉ ଖାଉ କହିଲା, "ବଡୁ ବଡୁ ଆଜି ବିଲୁଆମାନେ ଆମ ଘରକୁ କୁକୁଡ଼ା ଚୋରାଇବାକୁ ଆସିବେ । ଏକଥା ହେଉଥିବା ମୁଁ ଶୁଣି ପାରିଲି ।" ଏକଥା ଶୁଣି ବୁଢ଼ା ଏକ ଦା'କୁ ନିଆଁରେ ତତାଇ ଲାଲ କରି କୁକୁଡ଼ା ଘର ଆଗରେ ଜଗି ବସିଲା । ବିଲୁଆମାନେ କୁକୁଡ଼ା ଘର ଭିତରକୁ ଆସିଲା ମାତ୍ରେ ବୁଢ଼ା ତେଲା ଦା'କୁ ଧରି ଘଉଡ଼ି ଆଣିଲା । ବିଲୁଆମାନେ ଆଉ କୁକୁଡ଼ା ଖାଇ ହେବନି ଭାବି ପଳେଇଗଲେ ।


ଏଲ୍ ଦିନ୍ ଫେର୍ କୋଲହିଆ ମାନେ ବୁଢ଼ାଟୋ କୁକ୍ଡା ଚୋରତୋ କାଏଁ ଗୋଏଟ୍ ହେତ୍ ରହେଲା । ମୂଷା ଶୁନୁନ୍ ଏଲୋ । ହୁନ୍ ବୁଢ଼ାକେ ବଏଲଲୋ - ବୋଡୁ ବୋଡୁ ମୋକେ ମୁଠାଏକ୍ ଧାନ୍ ଦେ, ଚୁଟ୍ ଚୁଟ୍ ଖାଉଁନ୍ ଦେତିଁ, ସୁଟ୍ ସୁଟ୍ କହୁନ୍ ଦେତିଁ । ବୁଢ଼ା ମୂଷାକେ ମୁଠାଏକ ଧାନ୍ ଦେଲୋ । ହୁନ୍ ଚୁଟ୍ ଚୁଟ୍ କରୁନ୍ ଧାନ୍ ଖାହାଁ ଖାହାଁ ବଏଲଲୋ - ବଡୁ ଆଏଜ୍ ରାଇତେଁ କୋଲହିଆମାନ୍ କୁମ୍ହଡ଼ା ଚୋରୁକେ ଏତା ।  ବୁଢ଼ା ସବ୍ କୁମ୍ହଡ଼ା କେ ଟୋଡୁନ୍ ତୋପୁନ୍ ଦେଲୋ । ଆଉ ଲୁକୁନ୍ ରହଏ । କୁମ୍ହଡ଼ା ଚୋରୁକେ କୋଲହିଆ ମାନ୍ ଏତାକେ ବୁଢ଼ା ଠେଙ୍ଗା ଧରୁନ୍ ଖେଧଲୋ । ହୁମାନେ ଜୀଉ ଧରୁନ୍ ପଏଲ୍ଲା ।



ଆଉଦିନେ ବିଲୁଆମାନେ ବୁଢାର କୁମୁଡ଼ା ଚୋରାଇବା ସଂପର୍କରେ କଥା ହେଉଥିଲେ । ମୂଷା ଶୁଣି ଆସିଲା । ସେ ବୁଢ଼ାକୁ କହିଲା - "ବଡୁ, ବଡୁ ମୋତେ ମୁଠେ ଧାନ ଦେ, ମୁଁ ଚୁଟ୍ ଚୁଟ୍ କରି ଖାଇବି, ମୁଟ୍ ମୁଟ୍ କହିବି ।"ବୁଢ଼ା ମୂଷାକୁ ମୁଠେ ଧାନ ଦେଲା । ସେ ଚୁଟ୍ ଚୁଟ୍ ଧାନ ଖାଉ ଖାଉ କହିଲା, ବଡୁ, ଆଜି ରାତିରେ ବିଲୁଆମାନେ କୁମୁଡ଼ା (ବୋଇତାଳୁ)ଚୋରାଇବାକୁ ଆସିବେ ।ବୁଢ଼ା କୁମୁଡ଼ା ସବୁକୁ ତୋଳି ଢ଼ାଙ୍କି ଦେଇ ଲୁଚି ରହିଲା । କୁମୁଡ଼ା ଚୋରାଇବାକୁ ବିଲୁଆମାନେ ଯେତେବେଳେ ଆସିଲେ ବୁଢ଼ା ଠେଙ୍ଗାଧରି ତାଙ୍କୁ ଖେଦିଲା । ସେମାନେ ପ୍ରାଣ ବିକଳରେ ଦୌଡ଼ି ପଳାଇ ଗଲେ ।


ପିଲାଙ୍କ କଥା

ବିହିନ୍‌ୟାଁ ହେଲୋ । କୋଲହିଆ ମାନ୍ ଚୋ ଭିତରେଁ ଫେର୍ ଗୋଏଠ୍ ବାତ୍ ହେଲୋ । ଆମଚୋ ଗୋଏଠ୍ କେ କୋନ୍ କହୁନ୍ଦେତାହେ ? ବୁଢ଼ା କୋଲହିଆ ବଏଲଲୋ - ଆଉ କୋନ୍ କହୁନ୍ ହେତୋ - ବୁଢ଼ାଚୋ ଦେଓ ଏକା ଆମ୍ ଚୋ ଗୋଏଠ୍ କେ କହୁନ୍ ଦେତା ହେ । ହୁନେଁ କାଯେଁ ହୁନ ଦେଓକେ ଚୋରୁନ୍ ଆନୁ କେ ପଡ଼ତୋ ନୋହୋଏଲେ ଆମଚୋ ଭୁର୍‌କୁଟି ପାନି ଫାଟୁନ୍ ଯାତୋ । ବୁଢ଼ା କୋଲହିଆ ଚୋ ଗୋଏଠ୍ କେ ବାକି କୋଲହିଆ ମାଏନ୍‌ଲା । ହୁମାନେ ନେଟ୍ କଏର୍‌ଲା, ଆଏଜ୍ ବୁଢ଼ାଚୋ ଦେଓକେ ଆଏଜ ଚୋ ରାଇତେଁ ଚୋରୁନ୍ ଆନ୍‌ୱା । ମୂଷା ଲୁକୁନ୍ କୋଲହିଆ ମାନ୍‌ଚୋ ସବ୍ ଗୋଏଠକେ ଶୁନତ୍ ରହେଲୋ ।



ସକାଳ ହେଲା । ବିଲୁଆମାନଙ୍କ ମଧ୍ୟରେ ଚାଲିଲା ମନ୍ତ୍ରଣା । କିଏ ସେହି ତାଙ୍କ କଥା ସବୁ କହି ଦେଇଛି ? ବୁଢ଼ା ବିଲୁଆଟି କହିଲା, "ଆଉ କିଏ ହୋଇଥିବ । ବୁଢ଼ାର ଇଷ୍ଟ ଦେବତା ଆମର ସବୁ କଥା କହିଦେଉଥିବ ।" ଏଣୁ ତାକୁ ଯେମିତି ହେଲେ ଚୋରାଇ ଆଣିବାକୁ ପଡ଼ିବ । ନଚେତ୍ ଆମର ସବୁ ଯୋଜନା ଫସର ଫାଟିଯିବ । ବୁଢ଼ା ବିଲୁଆର ପରାମର୍ଶକୁ ଅନ୍ୟମାନେ ସମର୍ଥନ କଲେ । ସେମାନେ ସ୍ଥିର କଲେ ଆଜି ରାତିରେ ବୁଢ଼ାର ଇଷ୍ଟ ଦେବତାକୁ ଯେମିତି ହେଲେ ଚୋରାଇ ଆଣିବା ।

ହୁନ ବୁଢ଼ାକେ ଏହୁନ୍ ବଏଲଲୋ ବୋଡୁ ବୋଡୁ ମୁଠାଏକ୍ ଧାନ୍ ଦେଁ । ଚୁଟ୍ ଚୁଟ୍ ଖାଉଁନ ଦେତିଁ, ସୁଟ୍ ସୁଟ୍ କହୁଁନ୍ ଦେତିଁ । ବୁଢ଼ା ମୁଠାଏକ ଧାନ୍ ଦେଲୋ । ମୂଷା ଚୁଟ୍ ଚୁଟ୍ କରୁନ ଧାନ ଖାହାଁ ଖାହାଁ ବଏଲଲୋ ବୋଡୁ ଆଏଜ୍ କୋଲହିଆମାନ୍ ତୁଚୋ ଦେଓକେ ଚୋରୁନ୍ ନେତା ହୁନେକା ଯେଁ ତୁଇଁ ହୁନ୍ ଦେଓ ସନ୍ଧୁକ ଭିତରେଁ ତୁଇଁ ଦେଓ ବନୁନ୍ ରହ । ହୁମାନେ ତୁକେ ବୋହୁନ୍ ନେତା । ମୂଷାଚୋ ଗୋଏଠେଁ ବୁଢ଼ା ଦେଓ ଘର ଚୋ ସନ୍ଧୁକ୍ ଭିତରେଁ ଲୁକୁନ୍ ରହେଲୋ । ରାଏତେଁ କୋଲହିଆମାନେ ବୁଢ଼ା ଚୋ ଦେଓ ଘରକେ ଏହୁନ୍ ବୁଢ଼ାକେ ସନ୍ଧୁକ୍ ସେଙ୍ଗ ବହୁନ୍ ନେଲା । ଅଧା ଧୁର୍ କେ ଯାହୁନ୍ ହୁମାନେ ପଚାଏରଲା



ମୂଷା ଲୁଚି କରି ବିଲୁଆମାନଙ୍କ ସବୁକଥା ଶୁଣୁଥିଲା । ସେ ବୁଢ଼ାକୁ ଆସି କହିଲା, "ବଡୁ, ମୁଠେକ୍ ଧାନ ଦିଆ, ଚୁଟ୍ ଚୁଟ୍ ଖାଇବି, ମୁଟ୍ ମୁଟ୍ ବଳିବି ।" ବୁଢ଼ା ମୂଷାକୁ ମୁଠେ ଧାନ ଦେଲା ।ଚୁଟ୍ ଚୁଟ୍ କରି ଖାଉ ଖାଉ ମୂଷା ବୁଢ଼ାକୁ କହିଲା, ବଡୁ ଆଜି ବିଲୁଆମାନେ ତୋର ଇଷ୍ଟ ଦେବତାକୁ ଚୋରି କରିନେବେ । ଏଣୁ ତୁ ପେଡ଼ି ଭିତରେ ଲୁଚି ରହି ଯା । ସେମାନେ ତୋତେ ବୋହି ଧରିନେବେ । ମୂଷାର କଥାରେ ବୁଢ଼ା ଦେବତା ଘରର କାଠ ପେଡ଼ି ଭିତରେ ଲୁଚି ରହିଲା । ରାତିରେ ବିଲୁଆମାନେ ଆସି ବୁଢ଼ାର ଦେବତା ଘରୁ ପେଡ଼ି ସହିତ ବୁଢ଼ାକୁ ଟେକି ନେଇଗଲେ ।

- ଏ ବୁଢ଼ାଟୋ ଦେଓ ତୁଇଁ କାଁଏ ଖାତିସ୍ ଗୋଠିୟାଓ । ତୁକେ ଆମ୍ହି ସବ ଜାଏତ୍ ଦେଓ୍ୱାଁ । ବୁଢ଼ା ସନ୍ଧୁକ୍ ଭିତରେ ବଏଲଲୋ ମୁଇଁ କର୍ କାରାତି ପୋଇ ଆଉ ବାସ୍ତା ଗାଁଜା ଖାତିଁ । କୋଲହିଆ ମାନ୍ ହୁନ୍ ଗୋଏଠେଁ କୁକ୍ଡ଼ା ଖୋଜୁକେ ଗଲା । କୋଲହିଆମାନେ ବୁଢ଼ାଟୋ ଗୋଏଠେଁ ଆନୁନ୍ ହୁନ୍ ସନ୍ଧୁକ୍ ନେଙ୍ଗ ପୂଜଇ କଏର୍ଲା । ହୁନ୍ ମାସକେ ବନକ୍ କରୁନ୍ ରାନ୍ଧୁନ୍ ଥେଓଲା । ଗୋଟୋକ କୋଲହିଆ କେ ରାଖା ଦେହୁନ୍ ବାକି ସବ୍ ନାହାଉଁକେ ଗଲା । ବୁଢ଼ା କଲେକଲ୍ ହୁନ୍ ସନ୍ଧୁକଲେ ନିଙ୍ଗଲୋ । ହୁନ୍ ରାଖଇୟା କୋଲହିଆ କେ ଏକ୍ ଠେଙ୍ଗା ଦେହୁନ୍ ମରାଉନ୍ ଦେଲୋ ଆଉ ମାସ ଭାତ୍ ଇଲିକ୍ ଖଓ୍ୱାଉନ୍ ଦେଲୋ ।



କିଛିବାଟ ନେଇଯାଇ ପଚାରିଲେ, "ବୁଢ଼ାର ଦେବତା, ତୁ କ'ଣ କ'ଣ ଖାଇବୁ କହ, ତତେ ଆମେ ସବୁ ଦେବୁ ।" ବୁଢ଼ା ପେଡ଼ି ଭିତରୁ କହିଲା, "ମୁଁ କର୍କରିଆ କରୁଥିବା ପେଣ୍ଠି ଓ ଡାକ ଛାଡୁଥିବା ଗଂଜା ଖାଇବି ।" ବିଲୁଆମାନେ କୁକୁଡ଼ା ଖୋଜିବାକୁ ଗଲେ । ବିଲୁଆମାନେ ବୁଢ଼ା କହିବା ପ୍ରକାରେ ଆଣି କାଠ ପେଡ଼ି ପାଖରେ ବଳି ଦେଲେ । ସେହି ମାଂସକୁ ଭଲଭାବେ ରାନ୍ଧି ରଖିଲେ । ଗୋଟିଏ ବିଲୁଆକୁ ଜଗାଇ ଦେଇ ଅନ୍ୟ ସମସ୍ତେ ଗାଧୋଇବାକୁ ଗଲେ । ବୁଢ଼ା ଧିରେ ଧିରେ ପେଡ଼ି ଭିତରୁ ବାହାରିଲା ।

**ଦୁସରା କୋଲହିଆ ମାନ୍ ନାହାଉନ୍ ଏହୁନ୍ ଦେଖଲା ଯୋ ହୁମାନେ ଯାହାକେ ରାଖା ଦେହୁନ୍ ରହେଲା ହୁନ୍ ମରୁନ୍ ଯାହୁଁ ରହଏ । ହୁନାଚ୍ ଟୋଣେ ମାସଭାତ ଖାଏଲୋ ରହଏ । ହୁମାନେ ଭାଏବଲା, ଯୋ ପହିଲି ଖାଏଲୋ ତାହାଁ ବୁଢ଼ାଚୋ ଦେଓ ରିସ୍ ହେହୁନ୍ ମାରାଏଲୋ । ଇସୟ ଭାବୁନ୍ ହୁମାନେ ବୁଢ଼ା ଲୁକୁ ରହେଲୋ ସନ୍ଧୁକ୍ କେ ବହୁନ୍ ଦୁସରା ଯାଗାକେ ନେହୁନ୍ ଗଲା । ହୁନେ ଚୋ ଆଉର୍ ଦିନ୍ ସନ୍ଧୁକ୍ ଚୋ ବୁଢ଼ାକେ ପଚାଏରଲା, ବୁଢ଼ାଚୋ ଦେଓ ତୁଇ କାଁଏ ଖାତିସ୍ ? ବୁଢ଼ା ଫେର୍ ଗୋଠିୟଏଲୋ । କରକରାତି ପୋଇ ଆଉ ବାସତା ଗାଞ୍ଜା ଖାତିଁ ବଲୁନ୍ ଫେର୍ ବୁଢ଼ା ବଏଲଲୋ ।**



ସେ ଜଗୁଆଳ ଥିବା ବିଲୁଆକୁ ବାଡ଼ିରେ ଆଘାତ କରି ମାରିଦେଲା ଓ ତାକୁ ଭାତ ମାଉଁସ ଟିକେ ଖୁଆଇ ଦେଲା । ଅନ୍ୟ ବିଲୁଆମାନେ ଘାଧୋଇ ସାରି ଫେରି ଦେଖିଲେ ଯେ ସେମାନେ ଯାହାକୁ ଜଗାଇଥିଲେ ସେ ମରିଯାଇଛି ।  ତା' ପାଟିରେ ଭାତ ମାଂସ ଲାଗିଛି । ସେମାନେ ଭାବିଲେ ଇଏ ପ୍ରଥମେ ଖାଇଦେବାରୁ ବୁଢ଼ାର ଦେବତା କୋପ କରି ମାରିଦେଲା । ଏହା ଭାବି ସେମାନେ ବୁଢ଼ା ଲୁଚିଥିବା ପେଡ଼ିଟିକୁ ବୋହି ବୋହି ଅନ୍ୟ ସ୍ଥାନକୁ ନେଇଗଲେ ।  ତା ପରଦିନ ପେଡ଼ିରେ ଥିବା ବୁଢ଼ାକୁ ପଚାରିଲେ,

କୋଲହିଆ ମାନ୍ ଆଗିଲ୍ ଚୋ ଖିଆଲ କୁକ୍ଡ଼ା ଆନୁନ୍ ହୁନ୍ ସନ୍ଧୁକେଁ ପୁଇଜ୍ଲା ଆଉ ରାନ୍ଧୁନ୍ କରୁନ ଫେର୍ ଜନାଏକ୍ କେ ରାଖା ଦେହୁନ୍ ସବ୍ ନାହାଉଁ କେ ଗଲା । ବୁଢ଼ା କଲେ କଲ୍ ସନ୍ଧୁକ୍ ଲେ ନିଙ୍ଗୁନ୍ ହୁନ୍ କୋଲହିଆକେ ମାରୁନ୍ ମାଁସ ଭାତ କେ ବୁଢ଼ା ଖାହୁନ୍ ଇଲିକ୍ ମୁହାଁ ହୁନ୍ କୋଲହିଆ ଚୋ ଟୋଣେ ମଖାଉନ୍ ଦେଲୋ । ଆଉ ଫେର୍ ସନ୍ଧୁକ୍ କେ ନିଙ୍ଗୁ ଦେଲ । କୋଲହିଆ ମାନ୍ ନାହାଉନ୍ ଏଲା ଆଉ ଦେଖଲା ଗୋଟୋକ୍ କୋଲହିଆ ଦେଓ କେ ନ ଦେହୁଁନ୍ ଆପୁ ଖାଏଲୋ ତାହାଁ ମଏର୍‌ଲୋ । ବୁଢ଼ା ଚୋ ଦେଓ ମାରୁନ୍ ଦେଲୋ ବଲୁନ୍ ଆପନ୍ ଆପନ୍ ଗୋଏଠ୍ ହେତ୍ ଆହେତ୍ ।




ବୁଢ଼ା ଦେବତା, ତୁ କ'ଣ ଖାଇବୁ ? ବୁଢ଼ା ପୁଣି କହିଲା, କରକରିଆ ପେଣ୍ଠି ଓ ଡାକ ଦେଉଥିବା ଗଂଜା ଖାଇବି । ବିଲୁଆମାନେ କୁକୁଡ଼ାକୁ ଧରି ଆଣିଲେ ଓ ସେଠାରେ ବଳି ଦେଲେ । ସେଇ ମାଂସ ଓ ଭାତ ରାନ୍ଧି ଜଣକୁ ଜଗାଇ ଦେଇ ଗାଧୋଇବାକୁ ଗଲେ । ବୁଢ଼ା ଧୀର କରି ପେଡ଼ିରୁ ବାହାରିଲା । ଜଗିଥିବା ବିଲୁଆର ମୁଣ୍ଡକୁ ପେଡ଼ିରେ ଆଘାତ କରି ମାରିଦେଲା । ସେ ମାଂସ ଓ ଭାତ ଖାଇ ଅଳ୍ପ କିଛି ମାରିଥିବା ବିଲୁଆର ପାଟିରେ ଲଗାଇ ଦେଲା । ବୁଢ଼ା ପେଡ଼ି ଭିତରେ ପଶିଗଲା । ବିଲୁଆମାନେ ଗାଧୋଇସାରି ଫେରିଲେ ।

ଇସୟ ଜନାଏକ୍ ଜନାଏକ କରୁନ୍ ସବ ଚାଏର୍ ଝାନ୍ କୋଲହିଆକେ ବୁଢ଼ା ମାଏର୍‌ଲୋ । ଆଖିରିଏଁ ଗୋଟୋକ୍ ବୁଢ଼ା କୋଲ୍‌ହିଆ ରହେଲୋ । ହୁନ୍ ଭାଏବ୍‌ଲୋ; ଆଏଜ୍ ଜିସ୍ କରୁନ୍ ବୁଢ଼ାଚୋ ଦେଓ କେ ଦେଖତିଁ । ହୁନ୍ ସନ୍ଧୁକ୍‌କେ ଉଘଡ଼ାଉଁକେ ଗୋଲୋ । ସନ୍ଧୁକ୍ ଭିତରେଁ ରହେଲୋ ବୁଢ଼ା କୋଲହିଆ ଚୋ ଗୋଡ଼୍ ଦୁଇ ଠାନ୍‌କେ ଧରୁନ୍ ସନ୍ଧୁକ୍‌ଏଁ କଚାଡୁନ୍ ଦେଲୋ ।

ବୁଢ଼ା କୋଲହିଆ ମରୁନ୍ ଗୋଲୋ

ଏଥେଁଇ କହିନ୍ ଛେଧଉନ୍ ଗୋଲୋ ।



ଦେଖିଲେ ଯେ, ବିଲୁଆଟି ଦେବତାକୁ ନ ଦେଇ ଖାଇ ଦେବାରୁ ମରି ପଡ଼ିଛି । ବୁଢ଼ାର ଦେବତା ମାରି ଦେଇଛି ବୋଲି ପରସ୍ପର କଥା ହେଲେ । ଏହି ପରି ଜଣ ଜଣ କରି ଚାରୋଟି ବିଲୁଆକୁ ବୁଢ଼ା ମାରିଦେଲା । ଶେଷରେ ରହିଲା ଗୋଟିଏ ବୁଢ଼ା ବିଲୁଆ । ସେ ଭାବିଲା ଆଜି ନିଶ୍ଚୟ ବୁଢ଼ାର ଦେବତାକୁ ଦେଖିବି । ସେ ପେଡ଼ିଟିକୁ ଖୋଲିବାକୁ ଗଲା । ପେଡ଼ି ଭିତରେ ଥିବା ବୁଢ଼ା ବିଲୁଆଟିର ଗୋଡ଼ ଦୁଇଟିକୁ ଧରି ପେଡ଼ିରେ କଚାଡ଼ି ଦେଲା । ବୁଢ଼ା ବିଲୁଆଟି ମରିଗଲା । କଥାଟି ଏଇଠି ସରିଗଲା

ପିଲାଙ୍କ କଥା

# ଚମ୍ପାବତୀ ଟୋ ଗୋଏଠ୍ (ଚମ୍ପାବତୀ କଥା)

ଚାଏର୍‌ଝାନ୍ ଗାଦବା ଯୱାନ୍ ଭାରି ଜୋରେଁ ସଂଗ୍ ହେତ୍ ରହେଲା । ହୁଁ ମାନେ ଯୋନ୍ ବାଁଟେ ଗଲେବି ଚାଏରଝାଁନ୍ ମେଁଶୁନ୍ ଯାତ୍ ରହେଲା । ଇଁସୟ ବୁର୍‌ରା କେ ଖେଧା ସିତିକ୍ ନ ହୋଏଲେ ଫଲ୍‌ମୂଳ, କାନ୍ଦା, ଦାରୁ, ବାଆଁଶ୍ ସିତିକ୍ ଗଲେ ଚାଏ୍‌ର ଝାଁନ୍ ମେଶୁନ୍ ଯାତ୍ ରହେଲୋ । ଦିନାଏକ ଚାଏର୍‌ଝାଁନ୍ ବୁର୍‌ରା କେ ଖେଧା କରୁକେ ନିଗ୍‌ଲା । ହୁଁମାନେ ଖେଧା କରତ୍ କରତ୍ ଖୁବୟ ବୁର୍‌ରା ୟେଁ ଖୁବୟ ବାଟ୍ ହିଡ୍‌ଲା । ସାଞ୍ଜ୍ ହେହୁଁନ୍ ଗୋଲୋ । ଠାଁୱୟ ଠାଁୱୟ କୋନୟନେଗ୍ ଗାଁଓ ଗଁୱି ଘଲାଏକ୍ ଦେଖୁଁ ନାହିଁ । ହୁଁମାନେ ଗୋଟୋକ୍ ଧୂର୍‌ଲେ ଉକିଁଆ ଜଲତ୍ ରହତୋହା ଦେଖ୍‌ଲା । ହୁଁନୟ ଉକିଆ କେ ଦେଖୁନ୍ ହୁଁଥାକେ ଯାହୁନ୍ ପହଏଁଚ୍‌ଲା । ହୁଁନା ରହେଲୋ ବୁଢ଼ୀ ହଁସୁରିନ୍ ଟୋ ଘର୍ ।




ଚାରିଜଣ ଗାଦବା ଯୁବକ ଅତି ଘନିଷ୍ଠ ବନ୍ଧୁ ଥିଲେ । ସେମାନେ ଯେଉଁଆଡ଼େ ଯାଉଥିଲେ ଚାରିଜଣ ମିଶିକରି ଯାଉଥିଲେ । ଏପରିକି ଜଙ୍ଗଲକୁ ଶିକାର ପାଇଁ କିମ୍ବା ଫଳମୂଳ, କନ୍ଦା, କାଠ, ବାଉଁଶ ପାଇଁ ଗଲେ ଚାରିଜଣ ମିଶିକରି ଯାଉଥିଲେ । ଦିନେ ଚାରିବନ୍ଧୁ ଜଙ୍ଗଲକୁ ଶୀକାର କରିବାକୁ ବାହାରିଲେ । ସେମାନେ ଶୀକାର ଖୋଜି ଖୋଜି ଘଞ୍ଚ ଜଂଗଲ ମଧ୍ୟରେ ବହୁତ ବାଟ ଚାଲିଲେ । ସଂଧ୍ୟା ହୋଇଗଲା । ଆଖ ପାଖରେ କେଉଁଠି ଗାଁ ଗଣ୍ଡା ଦେଖିବାକୁ ପାଇଲେ ନାହିଁ । ସେମାନେ କିଛି ଦୂରରେ ଆଲୁଅ ଜଳୁଥିବାର ଦେଖିଲେ । ସେଇ ଆଲୁଅକୁ ଲକ୍ଷ୍ୟ କରି ସେଠାରେ ଯାଇ ପଂହଚିଲେ ।

ହୁଁସୁରିନ୍ ବୁଢ଼ୀ ଟୋ ଘର୍ ଆଗିଲେ ରହେଲୋ ଚୁଆଁ କୁଇଁ ଉପ୍‌ରେଁ ବାଁଆଁଶ୍ ଟାଲ ଗୋଟକ୍ ତୋପୁଁନ୍ ଦେହୁଁନ୍ ରହେଲି । ହୁଁମାନ୍ ଟୋ ଭିତ୍‌ରେଁ ଜନାଏକ୍ ସଂଗ୍ ହୁଁନ୍‌ଏୟ ଚୁଆୟେ ପଡୁନ୍ ମଏଁର୍‌ଲୋ । ଆଉଁ ତିନ୍ ଝାନ୍ ସଂଗ୍ ହଁସୁରିନ୍ ଟୋ ଘର୍ ଭିତ୍‌ର କେ ନିଗୁଁନ୍ ଗଲା । ହଁସୁରିନ୍ ବୁଢ଼ୀ ଶୋଉଁନ୍ ରହେଲି । ଜନାଏକ୍ ସଂଗ୍ ହଁସୁରିନ୍ ଟୋ ମୁଡେଁ ଏକ୍ ଗୋଟାନନ୍ ଦେଲୋ । ବୁଢ଼ୀ ଚିର୍‌ଲାଏଲି ଆଉଁ ହୁଁଥାଏ ମରୁନ୍ ଗଲି । ବୁଢ଼ୀଟୋ ଚିର୍‌ଲାତୋ ହାକେ ଶୁନୁନ୍ ଘର୍ ଭିତର୍‌ଲେ ଗୋଟକ୍ ସୁନ୍ଦ୍ରହି ନୋନୀ ନିଗ୍‌ଲି । ରାଜ୍‌କୁମାରୀ ମୁହିଆଁ ଚେହେରା । ତିନିଝାନ୍ ସଂଗ୍ ଭାଏବଲା ୟୋ ଲଏକ୍ ହେଲେ ସହିଟୋ ହୁଁସୁରିନ୍ ଟୋ ବେଟିଇସ୍ ହେଉଁକେ ସକ୍‌କୟ । ଲଏକ୍ ଗୋଠୟାୟଲି, ମାଟୋ ନାଅଁ ଚମ୍ପାବତୀ,



ସେଇଟା ଥିଲା ବୁଢ଼ୀ ଅସୁରୁଣୀର ଘର । ଅସୁରୁଣୀ ବୁଢ଼ୀ ତା'ଘର ଆଗରେ ଥିବା କୂଅ ଉପରେ ବାଉଁଶ ଛପାଟିଏ ପକାଇ ଦେଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ସେହି କୂଅରେ ପଡ଼ି ମରିଗଲା । ଅନ୍ୟ ତିନି ବନ୍ଧୁ ଅସୁରୁଣୀର ଘର ଭିତରେ ପଶିଲେ । ଅସୁରୁଣୀ ବୁଢ଼ୀ ଶୋଇଥିଲା । ଜଣେ ବୁଢ଼ୀ ଅସୁରୁଣୀର ମୁଣ୍ଡରେ ପାହାର ପକାଇ ଦେଲା । ବୁଢ଼ୀ ଚିତ୍କାର କରି ସେଇଠି ମରି ପଡ଼ିଲା । ବୁଢ଼ୀର ଚିତ୍କାର ଶୁଣି ଘର ଭିତରୁ ଏକ ସୁନ୍ଦରୀ ଝିଅ ବାହାରିଲା । ରାଜକୁମାରୀ ପରି ଚେହେରା । ତିନିବନ୍ଧୁ ଭାବିଲେ ଝିଅଟି ନିଶ୍ଚୟ ଅସୁରୁଣୀର ଝିଅ ହୋଇଥିବ ।

ମୁଁଇ ହଁସୁରିନ୍ ଚୋ ବେଟିଇସ୍ ହେଲେ ବି ହଁସୁରିନ୍ ନୋହଁୟ । ମାଚୋ ସାତ୍ ଠାନ୍ ଭାଇସ୍ ବଇଲା ଗାଡ଼ିଏଁ ହାଟକେ ଯାହୁଁନାହେତ୍ । ହୁଁମାନେ ଫିର୍‌ଲେ ମାଚୋ ଓୟା ମରୁନ୍ ନାହେ ହାକେ ଦେଖ୍‌ତା । ତୁହାନେ ମାଚୋ ଓୟା କେ ମାରୁନ୍ ଦେହୁଁନ୍ ଆହାୟସ୍ କାଯେଁ । ତୁହାଁନ୍ ତିନ୍ ଝାନ୍ କେ ହୁମାନେ ମାରୁନ୍ ଦେତା । ଚମ୍ପାବତୀ ଦେଖ୍‌ତୋ ସିତିକ୍ ସୁନ୍ଦ୍ରୀ, ହୁଁନୀଚୋ ମୁଁଡ଼ା ଚୋ ବାଲ ବି ହୁଁସ୍‌ଏ ଲାମ ଆଉ ସୁନ୍ଦର୍ । ହୁନ୍ ବାଲ୍ ବିତୀ ଲଏକ୍ ହୁନିଚୋ ବାଲ ବାରାହାତ୍ ଲାମ୍ ବାଲ୍ । ଯୋ ତିନ୍‌ଝାନ୍ ଚମ୍ପାବତୀ ଚୋ ରୂପେଁ ପାଗଲ ହେହୁନ୍ ଗଲା । ହୁଁନିକେ କିସ୍ ଲାହ୍ୱାଁ ବଲୁନ୍ ଚିନ୍ତା କଏର୍‌ଲା । ଯୋ ଘଡିକ୍ ହଁସୁରିନ୍ ଚୋ ସାତ୍‌ଝାନ୍ ବେଟାଏସ୍ ହାଟ୍‌ଲେ ଫିର୍‌ଲା ।



ଝିଅଟି କହିଲା, "ମୋ ନାଁ ଚମ୍ପାବତୀ । ମୁଁ ଅସୁରୁଣୀର ଝିଅ ହେଲେ ମଧ୍ୟ ଅସୁରୁଣୀ ନୁହେଁ । ମୋ ସାତ ଭାଇ ଶଗଡ଼ରେ ହାଟକୁ ଯାଇଛନ୍ତି । ସେମାନେ ଫେରିଲେ ମୋ ମାଆ ମରି ପଡ଼ିଥିବାର ଦେଖିବେ । ତୁମେ ମୋ ମାଆକୁ ମାରି ଦେଇଥିବାରୁ ସେମାନେ ତୁମ ତିନି ଜଣକୁ ମାରିଦେବେ ।ଚମ୍ପାବତୀ ଦେଖିବାକୁ ଯେମିତି ସୁନ୍ଦରୀ ତାର ମୁଣ୍ଡରେ କେଶ ମଧ୍ୟ ସେହିପରିଲମ୍ବା ଓ ସୁନ୍ଦର । ସେ କେଶବତୀ କନ୍ୟା । ତା'ର ବାର ହାତ ଲମ୍ବର କେଶ ।ତିନି ବନ୍ଧୁ ଚମ୍ପାବତୀର ରୂପରେ ପାଗଳ ହୋଇଗଲେ । ତାକୁ କିପରି ପାଇବେ ଚିନ୍ତା କଲେ । ଏହି ସମୟରେ ଅସୁରୁଣୀର ସାତ ପୁଅ ହାଟରୁ ଫେରିଲେ ।

ଘର୍‌କେ ନିଗ୍‌ତୟ୍ ନିଗତ୍ ଆପ୍‌ଲଏ ମାନ୍‌ଚୋ ମାଇଁସ୍ ମଏର୍‌ଲୋ ହାକେ ଦେଖ୍‌ଲା । ତିନ୍‌ଝାନ୍ ଯଓ୍ୱାନ୍ କେ ଦେଖୁଁନ୍ ହୁଁମାନ୍ ଚୋ ଜିଉ ଧକ୍କଲେ ହେହୁଁନ୍ ଗଲେ । ଇମ୍‌ହାନ୍ ଏକା ଆମ୍‌ଚୋ ମାଇଁସ୍ କେ ମାରୁନ୍ ଆହେତ୍ । ତାହାଁଲେ ସାତ୍‌ଝାଁନ୍ ମେଶୁନ୍ ତିନ୍‌ଝାନ୍ ସଂଗ୍ କେ ମାଁରୁକେ ଗଲା । ହୁମାନ୍ ଚୋ ଭିତ୍‌ରେଁ ଜୋର୍ ଦାର୍ ଲଢ଼େଇ ହେଲୋ । ତିନ୍‌ଝାଁନ୍ ସଂଗ୍ ହଁସୁରିନ୍ ଚୋ ସାତ୍‌ଠାନ୍ ବେଟାଏସ୍ କେ ଲଢ଼ଇଏଁ ହରାଉନ୍ ଦେଲା । ଚମ୍ପାବତୀ କେ ଧରୁନ୍ ଗାଁଓକେ ଫିରୁନ୍ ଏଲା । ତିନିଝାନ୍ ସଂଗ୍ ଆପ୍‌ଲଏ ମାନଚୋ ଗାଁଓ କେ ପହଁଚାଏଲା । ଗାଁଓ୍ୱେ ଖଡ଼କାର କେ ଆନୁନ୍ କେ ବିହା ଯୋଗ୍ ନିଗାଲା, ବିହାଏ ସଭଏଁ ସବ୍ ଖାଞ୍ଜା ହେଲୋ । ବାଭଁନ୍ ମନ୍‌ତର୍ ପଢ଼ଲୋ । ତିନିଝାନ୍ ସେଂଗ୍ ଚମ୍ପାବତୀ କେ ବିହା ହେହୁନ୍ ସୁଖେଁ ରହେଲା । ରାଏଜ୍ ଭୁଡୁନ୍ ଖାଏଲା ।



ଘରେ ପଶୁ ପଶୁ ନିଜ ମାଆ ମରି ପଡ଼ିଥିବାର ଦେଖିଲେ । ତିନିଜଣ ଯୁବକଙ୍କୁ ଦେଖି ତାଙ୍କର ସନ୍ଦେହ ରହିଲାନି । ସେମାନେ ହିଁ ତାଙ୍କ ମାଆକୁ ମାରିଛନ୍ତି । ଏଣୁ ସାତ ଜଣ ମିଶି ତିନି ଜଣବନ୍ଧୁଙ୍କୁ ଆକ୍ରମଣ ଆକ୍ରମଣ କଲେ । ଉଭୟଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା । ତିନିବନ୍ଧୁ ମିଶି ଅସୁରୁଣୀ ବୁଢ଼ୀର ସାତପୁଅକୁ ଯୁଦ୍ଧରେ ହରାଇ ଦେଲେ । ଚମ୍ପାବତୀକୁ ଧରି ନିଜ ଗାଁକୁ ଫେରି ଆସିଲେ । ତିନିବନ୍ଧୁ ନିଜ ଗାଁରେ ପହଁଞ୍ଚି ଗାଁରେ ଦିସାରୀ (ପୁରୋହିତ)ଙ୍କୁ ଡାକି ବିବାହ ଲଗ୍ନ ବାହାର କଲେ । ବିବାହର ସମସ୍ତ ଆୟୋଜନ ହେଲା । ଦିସାରୀ ମନ୍ତ୍ର ପଢ଼ିଲା । ତିନିବନ୍ଧୁ ଚମ୍ପାବତୀକୁ ବାହା ହୋଇ ସୁଖରେ ରହିଲେ ।


# ସାଁପ୍ ଚାଏବ୍‌ଲେ ଡୋରି କାଏଁ ସିଡିର୍ ବାନ୍ଧ୍‌ତେ
# (ସାପ କାମୁଡ଼ିଲେ ଦଉଡ଼ି କାହିଁକି ବନ୍ଧାଯାଏ)

ଗୋଟକ୍ ଗାଓ୍ୱେଁ ଜନାଏକ୍ ଡୋକ୍ରା ମହାନ୍ ମାନୁଷ୍ ରହେଲୋ । ହୁନ୍ ସଭଏ ଟୋ ଉପ୍‌କାର୍ କରିଦେ ହୁନାଟୋ ଗୋଟ୍‌କଏ ବଲୁନ୍ ବେଟାଏସ୍ । ବାପୁସ୍ ମୁହାନ୍ ବେଟାଏସ୍ ବି ଲୋଗ୍ ମାନ୍‌ଟୋ ଉପକାର୍ କରିଦେ । ଦିନାଏକ୍ ବେଟାଏସ୍ ଘୋଡାଏଁ ବସୁନ୍ ଆପ୍‌ଲଏ ସୋଥ୍‌ରାଏସ୍ ଘରକେ ଯାତ ରହେଲୋ । ବାଟେଁ ବୁର୍‌ରା ପଏଡଲୋ । ବୁର୍‌ରାଏଁ ଆଏଗ୍ ଧରୁନ୍ ରହେଲୋ ହୁନ୍ ଆଏଗ୍ ଆଗ୍ ଭିତ୍‌ରେଁ ଗୋଟକ୍ ସାଁପ୍ କଲ୍‌ବଲା କଲ୍‌ବଲି ହେତ୍ ରହେଲୋ । ସାଁପ୍ କର୍‌ଲାଇଏଁ ବେଟାଏସ୍ କେ ଗୋଠ୍‌ୟାଏଲୋ । ଭାଇ ମୋକେ ଆଏଗ୍‌ଲେ ନିଙ୍ଗାଓ୍ୱ । ବେଟାଏସ୍ ଘୋଡାକେ ଗୋଟକ୍ ରୁଖେଁ ବାନ୍ଧୁନ୍ ଦେହୁନ୍ ଆଏଗ୍ ଲେ ସାଁପ୍ କେ ବଂଚାଏଲୋ । ସାଁପ୍ କେ ବଚାଉନ୍ ଟୋ ପାଛେଁ ବେଟାଏସ୍ କେ ସାଁପ୍ ଗୋଠୟାଏଲୋ । ମୁଇଁ ତୁକେ ଚାବ୍‌ତି । ବେଟାଏସ୍ ସାଁପ୍‌କେ ବଏଲୋ ଜୋ ମୁଇଁ ଘର୍‌କେ ଯାହୁନ୍ ମାଟୋ ଓୟା ବାବାକେ ଦେଖୁନ୍ ଏତିଁ ।



ଗୋଟିଏ ଗାଁରେ ଜଣେ ବୁଢ଼ା ଲୋକ ଥିଲେ । ସେ ସମସ୍ତଙ୍କ ଉପକାର କରନ୍ତି । ତାଙ୍କର ଗୋଟିଏ ବୋଲି ପୁଅ । ବାପାଙ୍କ ପରି ପୁଅ ବି ପରର ଉପକାର କରେ । ଦିନେ ପୁଅଟି ଘୋଡ଼ାରେ ବସି ନିଜ ଶଶୁର ଘରକୁ ଯାଉଥିଲେ । ବାଟରେ ଜଙ୍ଗଲ ପଡ଼ିଲା । ଜଙ୍ଗଲରେ ନିଆଁ ଲାଗି ଯାଇଥିଲା । ନିଆଁ ଭିତରେ ଗୋଟିଏ ସାପ ଛଟପଟ ହେଉଥିଲା । ସାପଟି ବିକଳରେ ପୁଅକୁ କହିଲା, "ଭାଇ ମୋତେ ନିଆଁରୁ ଉଦ୍ଧାର କରିଦିଅ । ପୁଅଟି ଘୋଡ଼ାଟିକୁ ଗୋଟିଏ ଗଛରେ ବାନ୍ଧି ଦେଇ ନିଆଁରୁ ସାପଟିକୁ ଉଦ୍ଧାର କରିଦେଲା । ସାପଟି ଉଦ୍ଧାର ପାଇଯିବା ପରେ ପୁଅକୁ କହିଲା, "ମୁଁ ତୁମକୁ ଚୋଟ ମାରିବି" । ପୁଅଟି ସାପକୁ କହିଲା, "ମୁଁ ଘରକୁ ଯାଇ ମୋ ବାପାମାଆଙ୍କୁ ଦେଖା କରି ଆସିବି ।

ଘର୍‌ଲେ ଫିଁର୍‌ତିଁ ତାହାଁଲେ ମୋକେ ଚାବ୍‌ତିସ୍ । ବେଟାଏସ୍ ଆପଲଏଚୋ ସତ୍ ନିହତ୍ କେ ବଚାଉନ୍ ଘର୍‌ଲେ ଫିଁରୁନ୍ ସାଁପ୍‌କେ ଖୋଏଜ୍‌ଲୋ । ସାଁପ୍ ବି ବେଟାଏସ୍‌କେ ଗୋଠୟାଏଲୋ । ମୁଁଇ ତୁଚୋ ଜିଭ୍ କେ ଚାବ୍‌ତିଁ । ବେଟାଏସ୍ ଆପ୍‌ଲଏ ଚୋଣ୍ ଆହାଁ ଫାଡୁନ୍ ଦିଲୋ । ସାଁପ୍ ଜିଭ୍‌କେ ଚାବୁନ୍ ଦିଲୋ । ବେଟାଏସ୍ ଦୁଃଖାଏଁ ଛଟ୍ ପଟ୍ ଛଟ୍ ପଟ୍ ହେଲୋ । ତାହାଁଲେ ସାଁପ ବେଟାଏସ୍ ଚୋ ସତ୍ କେ ଦେଖୁନ୍ ଖୁସ୍ ହେଲୋ । ବେଟାଏସ୍ ଚୋ ସଭଏ ବିଷ କେ ଚୁଃହଇକ୍‌ଲୋ କିଦେ । ତାହାଁ ବେଟାଏସ୍ ବନକ୍ ହେହୁନ୍ ଗଲୋ । ସାଁପ୍ ବେଟାଏସ୍ କେ ଗୋଟକ୍ ବର୍ ଦେହୁନ୍ ଗୋଠ୍ୟାଲୋ । ଆଏଜ୍ ଦିନ୍‌ଲେ ଯାହାକେ ବି ସାଁପ୍ ଚାବ୍‌ଲେ ହୁନଏ ଜାଗାଏଁ ଇଲିକ୍ ମୁହାନ୍ ଡୋରି ବାଏନ୍ଧଲେ ବିଷ୍ ଆଉ ଖୁବଏ ବଢ଼ଏ ନାହିଁ । ତେବେନ୍ ହୁନଏ ଦିନ୍‌ଲେ ଯାହାକେ ବି ସାଁପ୍ ଚାଏବ୍‌ଲେ ହୁନଏ ଜାଗାଏଁ ପହେଲି ଡୋରି ବାନ୍ଧତୋ ହାରା ହୁନ୍ ।



ଘରୁ ଫେରିବା ପରେ ତୁମେ ମୋତେ ଚୋଟ ମାରିବ ।" ପୁଅଟି ନିଜ ସତ୍ୟରକ୍ଷା କରି ଘରୁ ଫେରି ସାପଟିକୁ ଖୋଜିଲା । ସାପଟି ପୁଅଟିକୁ ଜଗିଥିଲା । ସାପଟି ପୁଅକୁ କହିଲା, "ମୁଁ ତୁମ ଜିଭକୁ ଚୋଟ ମାରିବି" ।ପୁଅଟି ନିଜର ପାଟି ଆଁ କରି ଜିଭଟି ଦେଖାଇ ଦେଲା । ସାପଟି ଜିଭକୁ ଚୋଟ ମାରିଲା । ପୁଅଟି ଯନ୍ତ୍ରଣାରେ ଛଟପଟ ହେଲା । ତାପରେ ପୁଅଟିର ସତ୍ୟରକ୍ଷା ଦେଖି ଖୁସି ହୋଇ ପୁଅଠାରୁ ସବୁ ବିଷ ଟାଣି ନେଲା । ପୁଅଟି ସୁସ୍ଥ ହୋଇଗଲା । ସାପଟି ପୁଅଟିକୁ ଏକ ବର ଦେଇ କହିଲା, "ଆଜିଠାରୁ କାହାରିକୁ ସାପ ଦଂଶନ କଲେ ସେହି ସ୍ଥାନରେ ଖଣ୍ଡେ ଦଉଡ଼ି କିମ୍ବା ଲୁଗା ବାନ୍ଧିଦେଲେ ବିଷ ଆଉ ଅଧିକ ଚଢ଼ିବ ନାହିଁ । ଏରୁ ସେହିଦିନ ଠାରୁ କାହାରିକୁ ସାପ ଦଂଶନ କଲେ ସେହି ସ୍ଥାନରେ ପ୍ରଥମେ ଦଉଡ଼ି କିମ୍ବା ଲୁଗା ଖଣ୍ଡିଏ ବାନ୍ଧି ଦେଇଥାନ୍ତି ।


# କକଡା କକଡି କହିନ୍
# (କକଡ଼ା ବୁଢ଼ା ଓ କକଡ଼ି ବୁଢ଼ୀ କଥା)

ଗୋଟକ୍ ଗାଓ୍ବେଁ କାଁକ୍ଡା କାଁକ୍ଡି ନାଓ୍ବେଁ ଡୋକ୍ରା ଡୋକ୍ରି ରହେଲା । ହୁମାନ୍ ଟୋ ବେଟା ବେଟି ନାହିଁ ରହିଁ । ଉମର୍ ଖୁବଏ ହେହୁନ୍ ରହି ଲୋନେ ବଡ଼ାଏ କଠିନ୍ ନେ ରହତ୍ ରହେଲା । ହୁମାନ୍ ଟୋ କାହିଁଚ୍ ବି ନିହାଏ କ୍ଷେତ୍ ଖାଏର୍ ଆଉ ସଂପତ୍ତି ନାହିଁ ରହିଁ । ବୁତା କରୁକେ ତାକତ ବି ନାହିଁ । ଜୋନ୍ ଯାଏଁ ଦିଲେ ଖାଏତ୍ ରହେଲା ନୋହଏଲେ ଭୁଖେଁ ରହତ୍ ରହେଲା । ଡୋକ୍ରା ଡୋକେର୍ ଦୁଇଝାନ୍‌କେ କାହିଁଚ୍ ଖାଉକେ ନାହିଁ ମିଳତ୍ ରହିଁ ତାହାଁଲେ ଦୁଇଦିନ୍ ତିନ୍‌ଦିନ୍ ଭୁଖ୍ ଉପାସଏଁ ରହଏତ୍ । ଭାବ୍‌ତେ ଆଉ ବୁର୍‌ରା କେ ଜୁଁ ଯାଓ୍ବାଁ ଫଲ୍ ମୂଲ୍ କି କାନ୍ଦା ଆନ୍‌ଓ୍ବା । ବନ୍‌ତୋ ଆମ୍‌ଚୋ ଓୟା, ବାବା କାହିଁ ବି ତ ମିଲ୍‌ତ । ହୁସଏ ଭାବୁନ୍ ଡୋକ୍ରା ଡୋକେର୍ ବଡାଏ କଠିନେ ବୁର୍‌ରା କେ ଗଲା ।



ଗୋଟିଏ ଗାଁରେ କକଡ଼ା କକଡ଼ି ନାମରେ ବୁଢ଼ାବୁଢ଼ୀ ଥିଲେ । ଏମାନଙ୍କ ପିଲାପିଲି ନ ଥିଲେ । ବୟସ ଅଧିକ ହୋଇଯାଇଥିବାରୁ ବଡ଼ କଷ୍ଟରେ ଚଳୁଥିଲେ । ଏମାନଙ୍କର କିଛି ହେଲେ ଜମିବାଡ଼ି ଓ ସଂପତି ନ ଥିଲା । କାମ କରିବାକୁ ଶକ୍ତି ମଧ୍ୟ ନ ଥିଲା । ଯିଏ ଯାହା ଦେଲେ ଖାଉଥିଲେ ନ ହେଲେ ଭୋକରେ ରହୁଥିଲେ ।ବୁଢ଼ାବୁଢ଼ୀ ଦି'ଜଣ କିଛି ଖାଇବାକୁ ନ ପାଇ ଦୁଇ ତିନି ଦିନ ଭୋକ ଉପାସରେ ରହିଲେ । ଭାବିଲେ ଜଙ୍ଗଲକୁ ଯାଇ କିଛି ଫଳମୂଳ କି କନ୍ଦା ଆଣିବେ । ଜଙ୍ଗଲ ତାଙ୍କର ମାଆ, କିଛି ହେଲେ ତ ମିଳିବ ।

ଡୋକ୍ରା ଡୋକେର୍ ବୁର୍ରାକେ ଯାହୁନ୍ ରିସେଁ ଫଲ୍ ମୂଲ୍ ଆଉ କାନ୍ଦା ଖୋଏଜ୍ଲା । ଗୋଟକ୍ ଡେରାଏଁ ଦେଖ୍ଲା ଯୋ ସୋରନ୍ଦା କାନ୍ଦା ଆଛଏ । ଡୋକ୍ରା ଡୋକେର୍ ହୁନଏ ଡେରାକେ ଗଲା । ଦୁଇଝାନ୍ କାନ୍ଦା ଖଏନ୍ଲା । ଖନତ୍ ଖନତ୍ ଖୁବଏ ଥାକୁନ୍ ଗଲା । ହୁମାନ୍ କେ ଖୁବଏ ପିୟାସ୍ ଲାଏଗ୍ଲୋ । ଡୋକ୍ରିକେ ହୁଥିଁ ବସାଉନ୍ ଦେହନ୍ ଡୋକ୍ରା ପାନି ଖୋଜୁକେ ଗଲୋ । ହୁନ୍ ଖୁବଏ ଖୋଜୁନ୍ ଦେଖ୍ଲୋ, ତେବ୍ଲେ ଘଲାଏ କାହାଁଏ ଏକ୍ ଟିପ୍କା ପାନି ମିଳିଁ ନାହିଁ । ଡୋକେର୍ ପିୟାସେଁ କଲ୍ବଲା କଲ୍ବଲି ହେହୁଁନ୍ ବଡାଏ ଜୋରସେଁ ହଁଖାଏର୍ଲି । ତାହାଁଲେ ଡୋକେର୍ ନେଇଁ ପହଁଏଚ୍ଲୋ । ଦେଖ୍ଲୋ, ଡୋକେର୍ ପିୟାସେଁ କଲ୍ବଲା କଲ୍ବଲି ହେତା ହେ । ହୁନିଚୋ ଟୋନ୍ରି ଶୁଖୁନ୍ ଗଲୋନେ ।



ଏହା ଭାବି ବୁଢ଼ାବୁଢ଼ୀ ବଡ଼ କଷ୍ଟରେ ଜଙ୍ଗଲକୁ ଗଲେ । ବୁଢ଼ାବୁଢ଼ୀ ଜଙ୍ଗଲରେ ବିକଳରେ ଫଳମୂଳ ଓ କନ୍ଦା ଖୋଜିଲେ । ଗୋଟିଏ ସ୍ଥାନରେ ଦେଖିଲେ ପିଟ୍ କନ୍ଦା ରହିଛି । ବୁଢ଼ାବୁଢ଼ୀ ସେଇ ଯାଗାକୁ ଗଲେ । ଦୁହେଁ କନ୍ଦା ଖୋଳିଲେ । ଖୋଳି ଖୋଳି ବହୁତ ହାଲିଆ ହୋଇଗଲେ । ତାଙ୍କୁ ବହୁତ ଶୋଷ ଲାଗିଲା । ବୁଢ଼ୀକୁ ସେଇଠାରେ ବସେଇ ଦେଇ ବୁଢ଼ା ପାଣି ଖୋଜିବାକୁ ଗଲା । ସେ ବହୁତ ଖୋଜିଲା, କିନ୍ତୁ ପାଖରେ ପାଣି ଟୋପାଏ ମିଳିଲା ନାହିଁ । ବୁଢ଼ୀ ଶୋଷରେ ଛଟପଟ ହୋଇ ରଡି ଛାଡୁଥିଲା । ବୁଢ଼ୀର ରଡ଼ି ଶୁଣି ବୁଢ଼ା ବୁଢ଼ୀ ପାଖରେ ପହଞ୍ଚିଲା । ଦେଖିଲା, ବୁଢ଼ୀ ଶୋଷରେ ଆଉଟୁ ପାଉଟୁ ହେଉଛି । ତା'ର ତଣ୍ଟି ଶୁଖି ଗଲାଣି । ଆଉ କ୍ଷଣକ

ଆଉ ଘେଡେକ୍‌ଲେ ହୁନିଟୋ ଜିଉ ଜାଇଦେନେ । ତାହାଁଲେ ଡୋକ୍ରା କାହିଁ ନ ଭାବୁନ୍ ହୁନ୍ ଧରୁନ୍ ରହିଲୋ କର୍‌ରିଏଁ ଆପ୍‌ଲଏ ଜାଙ୍ଗ୍‌କେ କାଟୁନ୍ ଦିଲୋ । ହୁଥାଁଲୋ ଜୋନ୍ ଲହୁ ନିଙ୍ଗ୍‌ଲୋ, ହୁନାକେ ଗୋଟକ୍ ପାନ୍ ଟୋ ଦୋନିଏଁ ଝୋକୁଁନ୍ ଡୋକେର୍‌କେ ଦିଲୋ । ଡୋକେର୍ ଡୋକ୍ରା ଟୋ ଲହୁକେ ପିଉନ୍ ପିୟାସ୍ ଛଡାଏଲି । ହୁଥିଁ କେତକ୍ ବେର୍‌ଲେ ବସୁନ୍ ଦୁଇଝାନ୍ କାନ୍ଦା ଖୋଜୁକେ ନିଙ୍ଗ୍‌ଲା । ବୁରା ଭିତର୍‌କେ କେଲକ୍ ଧୁର୍ କେ ଗଲା । ଆଉ ଶୁଇନ୍‌ଲା ଜୋ ଗୋଟକ୍ ବାବୁ ପିଲା ଟୋ ଗାଗ୍‌ତୋ ହାରାକେ । ଡୋକ୍ରା ଡୋକେର୍ ବନ୍‌କ୍ କରୁନ୍ କାନ୍‌କେ ଡେରୁନ୍ ଶୁଇନ୍‌ଲା ଆଉ ହୁନଏଁ ଡେରାକେ ଗଲା । ହୁଥାଁ ଯାଏଁକେ ଦେଖ୍‌ଲା ହେଲେ ବିଲ୍ ହୁମାନ୍ ଟୋ ଆଁଏଖେଁ ସତ୍ ନାହିଁ ଲାଗିଁ ।



ରେ ତା'ର ଜୀବନ ଚାଲି ଯାଇପାରେ । ଏରୁ ବୁଢ଼ା ଅନ୍ୟ କୌଣସି ଉପାୟ ନ ପାଇ ସେ ଧରିଥିବା କଟୁରୀରେ ତା'ର ଜଙ୍ଘକୁ କାଟିଦେଲା । ସେଥିରୁ ଯେଉଁ ରକ୍ତ ଝରିଲା, ତାହାକୁ ଏକ ଚକ୍‌ନି (ପତ୍ରଦନା)ରେ ନେଇ ବୁଢ଼ୀକୁ ଦେଲା । ବୁଢ଼ୀ ବୁଢ଼ାର ରକ୍ତ ପିଇ ଶୋଷ ମେଣ୍ଟାଇଲା । ସେଠରେ କିଛି ସମୟ ବସି ଦୁହେଁ କନ୍ଦା ଖୋଜିବାକୁ ବାହାରିଲେ । ବଣ ଭିତରେ କିଛି ବାଟ ଗଲାପରେ ସେମାନେ ଗୋଟିଏ ଶିଶୁର କାନ୍ଦ ଶୁଣିଲେ । ବୁଢ଼ାବୁଢ଼ୀ ଭଲ ଭାବେ କାନେଇ କାନ୍ଦ ଶୁଭୁଥିବା ଜାଗାକୁ ଗଲେ । ସେଠାରେ ଯାହା ଦେଖିଲେ,

ହୁମାନ୍ ଦେଖ୍ଲା ଜୋ ଗୋଟକ୍ ଖୁବଏ ସୁନ୍ଦର୍ ଇଲ୍କି ମୁହାନ୍ ବାବୁପିଲା ଗାଗ୍ତ ରହିଲୋ । ବାବୁ ପିଲାକେ ଦେଖୁନ୍ ଡୋକ୍ରା ଡୋକେର୍ ଖୁବଏ ଖୁସ୍ ହେଲା । ଡୋକ୍ରା ଡୋକେର୍ ବାବୁକେ ଧରୁନ୍ ଆପ୍ଲଏ ମାନ୍ଚୋ ଘରକେ ଫିରୁନ୍ ଗଲା । ବାବୁ ପିଲାକେ ବୁର୍ରାଏଁ ଲାହ୍ତାକେ ହୁନାଚୋ ନାଓ ଦିଲା ବନ୍କୁମାର୍ । ଡୋକ୍ରା ଡୋକେର୍ ଚୋ ତ ବେଟାବେଟି ନାହିଁ ରହିଁ । ହୁନେ ସିତିର ବାବୁ ପିଲାକେ ଭଗୱାନ୍ ଦେହୁନା ହେ ବଲୁନ୍ ହୁନାକେ ଖୁବଏ ବନକ୍ ବଲତେ । ଦୁଇଝାନ୍ ଗୋଏଠ୍ ହେଲା ଜୋ ବାବୁକେ ଜିସ୍ କରୁନ୍ ବି ପୋଷ୍ୱାଁ ଆଉ ବଡ଼କା କରୁୱାଁ । ଆମ୍ ଚୋ ଦୁଃଖ୍ ଦୂର୍ ହେତୋ ।ଡୋକ୍ରା ଘର୍ ଘର୍କେ ଗଲୋ ବିଡା ମାଗୁନ୍ ଆଏନ୍ଲୋ ।



ତାଙ୍କ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ସେମାନେ ଦେଖିଲେ ଯେ ଗୋଟିଏ ଅତି ସୁନ୍ଦର କୁନି ପୁଅଟି  ରାହା ଧରି କାନ୍ଦୁଛି । ପୁଅଟିକୁ ଦେଖି ବୁଢ଼ାବୁଢ଼ୀ ବହୁତ ଖୁସି ହୋଇଗଲେ । ବୁଢ଼ାବୁଢ଼ୀ ପୁଅଟିକୁ ଧରି ନିଜ ଘରକୁ ଫେରିଲେ । ପୁଅଟିକୁ ବଣରୁ ପାଇଥିବାରୁ ତା'ର ନାମ ଦେଲେ ବନକୁମର । ବୁଢ଼ାବୁଢ଼ୀଙ୍କର ତ ପିଲାପିଲି ନଥିଲେ । ଏଣୁ ସେହି ପୁଅଟିକୁ ମହାପ୍ରଭୁ ତାଙ୍କୁ ଦେଇଛନ୍ତି ବୋଲି ତାକୁ ବହୁତ ଆଦର କଲେ । ଦୁହେଁ କଥା ହେଲେ ଯେ ପୁଅଟିକୁ ଯେମିତି ହେଉ ପାଳି ପୋଷି ବଡ଼ କରିବେ । ତାଙ୍କର ଦୁଃଖ ଦୂର ହୋଇଯିବ । ବୁଢ଼ା ଘର ଘର ବୁଲି ଭିକ ମାଗି ଆଣିଲା ।

ଡୋକେର୍ କଠିନେ ମଠିନେ ଦୁସରା ଘରେଁ ବୁତା କରୁନ୍ ପଇସା ଆନ୍‌ଲି । ହୁନଏଁ ପଇସା ପତରେଁ ବେଟାସ୍‌କେ ଖାଉକେ ଦେହୁନ୍ ଯନ୍ନାଉନ୍ ବଢ଼ାଇଲା । ବନ୍‌କୁମାର୍ ଦିନ୍ କେ ଦିନ୍ ବଡେ ହେଲୋ । ହୁନ୍ ସାଧବ୍ ରାଜା ଟୋ ବେଟାଏସ୍ ଶ୍ୟାମ୍‌କୁମାର ସେଙ୍ଗ୍ ମିତାନ୍ ବଏସ୍‌ଲୋ । ଦୁସ୍‌ରା ଦେଶ୍‌ଟୋ ରାଜା ଟୋ ବେଟାଏସ୍ କେ ବଏରି ନେଙ୍ଗ୍‌ଲେ ବଟାଏଲୋ । କାଏଁ କାଯେ ହୁନ୍ ବଡ୍‌କା ତାକତ୍ ବିତା ରହିଲୋ । ଦେଖୁକେ ଖୁବଏ ସୁନ୍ଦର ଆଉ ବୁଦ୍ଧିବିତା । ତାହାଁଲେ ରାଜା ଆପ୍‌ଲଏ ବେଟିସ୍ ତାରାବତୀ ସେଙ୍ଗ୍ ବନ୍ କୁମାର୍ କେ ବିହା କରୁନ୍ ଦିଲୋ । ଆଧା ରାଏଜ୍‌କେ ବିଲ୍ ଦିଲୋ । ବେଟାଏସ୍ ବୋହାରିସ୍ ଆଉ ଧନ୍ ସଂପତି ଲାହୁନ୍ ଡୋକ୍ରା ଡୋକେର୍ ବି ଖୁବଏ ସୁଖେଁ ରହିଲା ।



ବୁଢ଼ା କଷ୍ଟେମଷ୍ଟେ ଅନ୍ୟ ଘରେ କାମ କରି କିଛି ପଇସା ମଧ୍ୟ ଆଣିଲା । ସେଥିରେ ପୁଅକୁ ଖାଇବାକୁ ଦେଇ ଯତ୍ନରେ ବଢ଼ାଇଲେ । ବନକୁମର ଦିନକୁ ଦିନ ବଡ଼ ହେବାକୁ ଲାଗିଲା । ସେ ସାଧବ ରାଜାଙ୍କ ପୁଅ ଶ୍ୟାମକୁମାର ସହ ସଙ୍ଗାତ ବସିଲା । ଅନ୍ୟ ଦେଶର ରାଜାଙ୍କୁ ପୁଅଟି ଶତ୍ରୁ କବଳରୁ ରକ୍ଷା କଲା । କାରଣ, ସେ ବଡ଼ ବଳୁଆ ଥିଲା । ଦେଖିବାକୁ ବହୁତ ସୁନ୍ଦର ଓ ବୁଦ୍ଧିମାନ । ଏଣୁ ରାଜା ତାଙ୍କ ଝିଅ ତାରାବତୀ ସହ ବନକୁମାରୀଙ୍କୁ ବାହା କରିଦେଲେ । ରାଜ୍ୟ ଅଧେ ମଧ୍ୟ ଦେଲେ । ପୁଅ ବୋହୂ ଧନସଂପତ୍ତି ପାଇ ବୁଢ଼ାବୁଢ଼ୀ ବହୁତ ଖୁସିରେ ରହିଲେ ।

# ଢ଼େଲା ଆଉ କୋଲହିଆ ଚୋ ଗୋଏଟ୍
# (ମାଟି ଟେଳା ଓ ବିଲୁଆ କଥା)

କୋଲହିଆ ଆଉ ମାଟି ଢ଼େଲା ମିତ୍ ବସୁନ୍‌ରହେଲା । ଢ଼େଲା କୋଲ୍‌ହିଆକେ ଗୋଠିଆଇଲୋ ମିତ୍ ୟୁଁ ନାହାଉଁକେ ଜାଓ୍ବା । କୋଲହିଆ ହୋଏ ବଏଲ୍‌ଲୋ । ଦୁଇଝାନ୍ ମିତ ମେସୁନ୍ ନଏନ୍ଦ୍ କେ ନାହୁକେ ଗଲା । ଢ଼େଲା ତ ମାଟି ଚୋ ହୁନ୍ ହୁନେ କାଯେ ନଏନ୍ଦେ ବୁଡ଼୍‌ଲୋ । ବୁଡ଼୍‌ତେଏ ସାଏର୍ ପାଏନେ ଘୁରୁନ୍ ଗୋଲୋ । ଆପ୍‌ଲଏ ମିତୋଏସ୍ ନଏନ୍ଦେ ହାଜୁନ୍ ଜାତୋ ହାର୍‌କେ ଦେଖୁନ୍ କୋଲହିଆ ଖୁବଏ ରିସ୍ ହେଲୋ । କୋଲହିଆ ରିସ୍ ହେହୁନ୍ ନଏନ୍ଦ କେ କହେଲୋ "ତୁଁଇ ମାଚୋ ମିତକେ ପାଏନେ ବିଲାଉନ୍ ଦେଲିସ୍ ତୁକେ ମୁଁଇ ଛାଡ଼୍‌ଏଁ ନାହିଁ" । କୋଲହିଆ ଚୋ ଗୋଏଟ୍ କେ ସୁନୁନ୍ ପାନି ଭିତର୍‌ଲେ ଜଳକୁମ୍ପି (ଜଳଦେବତା) ମାତା ନିଙ୍ଗୁନ୍ ଗୋଠିଆଇଲି ହାଁ ମୁଇ ତୁମ୍‌କେ ଗୋଟକ୍ ମଛ୍‌ରୀ ଦେତିଂ ।



ବିଲୁଆ ଓ ମାଟି ଢ଼େଲା ସଂଗାତ ବସିଥିଲେ । ଢ଼େଲା ବିଲୁଆକୁ କହିଲା, "ସଂଗାତ, ଚାଲ ଗାଧୋଇବାକୁ ଯିବା ।" ବିଲୁଆ ହଁ କହିଲା । ଦୁଇ ସଂଗାତ ମିଶି ନଦୀକୁ ଗାଧୋଇ ଗଲେ । ଢ଼େଲା ତ ମାଟିର । ଏଣୁ ସେ ନଦୀରେ ବୁଡ଼ିଲା ମାତ୍ରେ ପାଣିରେ ମିଳେଇଗଲା । ନିଜ ସଂଗାତ ନଦୀରେ ହଜିଯିବାର ଦେଖି ବିଲୁଆ ବହୁତ ରାଗିଗଲା । ବିଲୁଆ ରାଗିଯାଇ ନଦୀକୁ କହିଲା, "ତୁ ମୋ ସଂଗାତକୁ ପାଣିରେ ମିଳେଇ ଦେଲୁ, ତୋତେ ମୁଁ ଛାଡ଼ିବି ନାହିଁ । ବିଲୁଆର କଥାଶୁଣି ପାଣି ଭିତରୁ ଜଳକାମିନୀ (ଜଳଦେବତା) ବାହାରି କହିଲେ, "ହଉ, ମୁଁ ତୋତେ ଗୋଟିଏ ମାଛ ଦେବି । ଏହା କହି ବିଲୁଆକୁ ଗୋଟିଏ ମାଛ ଦେଲେ ।

କୋଲ୍‌ହିଆ ମଛ୍‌ରିକେ ଧରୁନ୍ ପଏଲ୍‌ଲୋ । ହୁଁନ୍ ଜାତଏ ଜାତଏ ଗୋଟକ୍ ଜାଗାଏଁ ବଇସ୍‌ଲୋ । ହୁଁନ୍ ଆପ୍‌ଲଏ କଗ୍ରାଏଁ ରହେଲୋ । ଗୋଟକ୍ ଖୁଟାଏଁ ମଛରୀ କେ ଟଙ୍ଗାଏଲୋ । ହୁଁନ୍ ଇତିକ୍ ଘୁଇନ୍‌ଲୋ ତାହାଁଲେ ଗୋଟକ୍ ମଞ୍ଜୁର୍ ମାଏର୍ ଏହୁନ୍ ମଛରୀ କେ ନେହୁନ୍ ଗୋଲୋ । କୋଲହିଆ ରିସ୍ ଦେହୁନ୍ ଗୁଟାକେ କହେଲୋ, "ତୁଚ୍ ନେଘେଁ ମୁଇଁ ମଛରୀ କେ ଥେଉନ୍ ରହେନି । ମାଚୋ ମଛରୀ ମୋକେ ଦେଁ" । ଖୁଟା ବଏଲଲୋ ମୁଁଇ କାଏଁ କରତିଁ ମଛରୀକେ ମଞ୍ଜୁର ମାଏର୍ ନେହୁନ୍ ଗୋଲୋ । କୋଲ୍‌ହିଆ ବଇଏଲୋ ହୁନେଚୋ  ବଦ୍‌ଲା ମୋକେ ଦାରୁ ଦେଁ । ରୁକ୍ ଚୋ ଖୁଟା ଚିରିଁ ହେଲୋ । କୋଲହିଆ ହୁଁନ୍ ଚିର୍‌ଲୋ ଦାରୁକେ ସଭଏକେ ଘର୍‌କେ ନେହୁଁନ୍ ଗୋଲୋ । ହୁଁନ ଗାଁୱେ ଗୋଟକ୍ ମାଲିନ୍ ଡକେର୍ ଆଉ ହୁନିଚୋ ବେଟାଏସ୍ ରହେଲା ।



ବିଲୁଆ ମାଛଟିକୁ ଧରି ଚାଲିଲା । ସେ କିଛି ବାଟ ଯିବା ପରେ ଗୋଟିଏ ଜାଗାରେ ଯାଇ ବସିଲା । ସେ ପାଖରେ ଥିବା ଗୋଟିଏ କାଠ ଖୁଣ୍ଟରେ ମାଛଟି ରଖିଦେଲା । ସେ ଟିକେ ଘୁମେଇ ପଡ଼ିଲା । ଗୋଟିଏ ଚିଲ ଆସି ମାଛଟିକୁ ନେଇଗଲା । ସେ ରାଗିଯାଇ ଖୁଣ୍ଟଟିକୁ କହିଲା, "ତୋ ପାଖରେ ମୁଁ ମାଛଟିକୁ ରଖିଥିଲି । ମୋ ମାଛ ମୋତେ ଦେ ।" ଖୁଣ୍ଟ' ମୁଁ କ'ଣ କରିବି ମାଛଟିକୁ ଚିଲ ନେଇଗଲା । ବିଲୁଆ କହିଲା ତା'ରି ବଦଳରେ ମୋତେ କାଠ ଦେ । କାଠ ଖୁଣ୍ଟଟି ଫଡ଼ା ହୋଇଗଲା । ବିଲୁଆ ସେହି କାଠଫଡ଼ା ସବୁକୁ ନେଇ ତା'ର ଘରେ ରଖିଦେଲା । ସେହି ଗାଁରେ ଗୋଟିଏ ମାଲୁଣୀ ବୁଢ଼ୀ ଓ ତା'ର ପୁଅଟିଏ ଥିଲେ ।

ଡକେର୍ ବେଟାଏସ୍ କେ ଦାରୁ ଆନୁକେ ପଠାଏଲି । ବେଟାଏସ୍ ଯାହୁଁନ୍ କୋଲ୍ହିଆ ଥେଉଁ ରହେଲୋ ଦାରୁ ସଭଏକେ ଆଇନ୍‌ଲୋ । ମାଲିନ୍ ଡୋକେର୍ ହୁନଏ ଦାରୁକେ ଧରାଉନ୍ ରୋଟି ବନାଇଲି । କୋଲହିଆ ଦେଖ୍‌ଲୋ ହୁନା ଟୋ ସଭଏ ଦାରୁକେ ମାଲିନ୍ ଡକେର୍ ଟୋ ବେଟାସ୍ ନେହୁଁନ୍ ଗୋଲୋ ହୁଁନ୍ ଜାହୁଁନ୍ ଦାରୁ ଦେଁ ବଲୁନ୍ ମାଏଙ୍ଗ୍‌ଲୋ । ଡକେର୍ ଗୋଠିଇଆଲି ଦାରୁ ନିହାଏ । ହୁନଏ ଦାରୁକେ ଧରାଉନ୍ ରୋଟି ବନାଇନି । ନେତିସ ହେଲେ ରୋଟି ଗୋଟକ୍ ନେ । ଇସଏ ବଲୁନ୍ କୋଲହିଆ କେ ରୋଟି ଗୋଟକ ଦେହୁଁନ୍ ଦେଲି । କୋଲହିଆ ରୋଟି କେ ଧରୁନ୍ ହିଁଡ଼ଲେ । ବାଟେଁ ଛେରୀ ଗୋଦନି ଦେଖୁନ୍ ହୁନଏ ନେଘେଁ ଇଲିକ୍ ଆରାମ୍ କଏର୍‌ଲୋ । ରୋଟିକେ ହୁନଏ ଗୋଦ୍‌ନିଏ ଟଙ୍ଗାଉନ୍ ଦେଲୋ ।



ବୁଢ଼ୀ ପୁଅଟିକୁ କାଠ ଆଣିବାକୁ ପଠେଇଲା । ପୁଅଟି ଯାଇ ବିଲୁଆ ରଖିଥିବା କାଠ ସବୁ ନେଇଗଲା । ମାଲୁଣୀ ବୁଢ଼ୀ ସେହି କାଠ ଜାଳି ପିଠା ତିଆରି କଲା । ବିଲୁଆ ଦେଖିଲା ତା'ର କାଠ ସବୁ ମାଲୁଣୀ ବୁଢ଼ୀର ପୁଅ ନେଇ ଯାଇଛି । ସେ ଯାଇ ମାଲୁଣୀକୁ କାଠ ଦେ ବୋଲି ମାଗିଲା । ବୁଢ଼ୀ କହିଲା, "କାଠ ନାହିଁ, ସେହି କାଠ ଜାଳି ପିଠା କରିଦେଲି । ନବୁ ଯଦି ପିଠାଟିଏ ନେ ।" ଏହା କହି ବିଲୁଆକୁ ପିଠାଟିଏ ଦେଇଦେଲା । ବିଲୁଆ ପିଠାଟି ଧରି ଚାଲିଲା । ବାଟରେ ଛେଳି କୁଡ଼ିଆଟି ଦେଖି ସେଇଠି ଟିକେ ବିଶ୍ରାମ ନେଲା ।

ଛେରୀ ଚରୱାହା ଛେରୀ ଗୋଦ୍‌ନିଏଁ ନିଙ୍ଗଲୋ ଘଡ଼ିକ୍ ରୋଟି ମୁଁଡ଼େ ପାଇଁଲୋ । ହୁନ୍ କାଏଁ ଗୋଟକ୍ ବଲୁନ୍ ଦେଖ୍‌ଲୋ ଯୋ ରୋଟି ଝୁଲତ୍ ରହେଲୋ । ହୁଁନ୍ ରୋଟିକେ ଖାହୁଁନ୍ ଦେଲୋ । କୋଲହିଆ ଦେଖ୍‌ଲୋ ଯୋ ହୁନାଚୋ ରୋଟିକେ ଛେରୀ ଚରୱାହା ଖାହୁଁନ୍ ଦେଲୋ । ହୁନ୍ ପଚ୍‌ରାଏଲୋ ମାଚୋ ରୋଟିକେ କାଏଁ କାଯେଁ ଖାଇଲିସ୍ । ଛେରୀ ଚରୱାହା ବଇଏଲୋ ମୋକେ ଭୁକ୍ ଲାଗ୍‌ତାକେ ରୋଟିକେ ଖାହୁଁନ ଦେନି । ଲେବାଁ ତେବେନ୍ ରୋଟି ବଦ୍‌ଲାଏଁ ଛେରୀ ଗୋଟକ୍ ନେ । କୋଲ୍‌ହିଆ ଛେରୀକେ ନେଲୋ ବଡ଼ାଏ ଖୁସିଏଁ ହାଟ୍‌କେ ନେହୁନ୍ ବେଁଚ୍‌ଲୋ । ଧାନ୍ ଚାଉର୍ ସାଗ୍ ଡାଲ୍ ଧରୁନ୍ ଘରକେ ଏଲୋ । ଖୁସିଏଁ ରହେଲୋ ଆଉ ରାଏତ୍ ବୁତୁନ୍ ଖାଏଲୋ ।



ପିଠାଟିକୁ ସେ କୁଡ଼ିଆରେ ଟଙ୍ଗାଇ ଦେଲା । ଛେଳି ଚରା ପିଲା ଛେଳି କୁଡ଼ିଆରେ ପଶିଲା ବେଳେ ପିଠାଟି ତା'ର ମୁଣ୍ଡରେ ବାଜିଲା । ସେ କ'ଣଟାଏ ବୋଲି ଦେଖିଲା । ପିଠାଟି ଝୁଲୁଛି । ସେ ପିଠାଟିକୁ ଖାଇଦେଲା । ବିଲୁଆ ଦେଖିଲା ଯେ ତା'ର ପିଠାଟିକୁ ଛେଳିଚରା ପିଲା ଖାଇ ଦେଉଛି । ସେ ପଚାରିଲା, ମୋ ପିଠାଟି କାହିଁକି ଖାଇଲୁ । ଛେଳି ଚରା ପିଲା କହିଲା, ମୋତେ ଭୋକ ହେବାରୁ ପିଠା ଖାଇଦେଲି । ହଉ ତା ବଦଳରେ ଛେଳିଟିଏ ନେ । ବିଲୁଆ ଛେଳିକୁ ନେଲା । ମହା ଆନନ୍ଦରେ ଛେଳିକୁ ନେଇ ବଜାରରେ ବିକିଲା । ଧାନ ଚାଉଳ ପରିବା ଧରି ଘରକୁ ଆସିଲା । ଖୁସିରେ ରହିଲା ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର